## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୫।୨୦୨୪

| | |
|---|---|
| ୬,୦୩,୨୧୬ ଟଙ୍କା | |
| ସୁନା | ୬୧.୫୦୦ ଗ୍ରାମ୍ |
| ରୁପା | ୧୩.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଯିବାକୁ ନେଇ ଉତ୍ତେଜନା

ପିପିଲି, ୨୪।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ଏନ୍ଏସି ଅଧୀନ ୧୧ନଂ ୱାର୍ଡରେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପଡ଼ିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ରାଜନୈତିକ କାରଣରୁ ଏହି ଘଟଣା ଘଟିଛି। ଶୁକ୍ରବାର ଗ୍ରାମର ଧ୍ରୁବ ବେହେରା ରାସ୍ତାରେ ଶୋଇ ପ୍ରତିବାଦ କରିଛନ୍ତି। ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାପଡ଼ିଥିବାରୁ ଗ୍ରାମର ଯୁବକମାନେ ସେଠାରେ ବସାଉଠା କରୁଥିଲେ। ତେବେ ଶୁକ୍ରବାର ସକାଳେ କାଉନସିଲରଙ୍କ ଭାଇ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଦେଇଥିଲେ। ଉକ୍ତ ଘଟଣାରେ ଧ୍ରୁବଙ୍କ ନାଁ ଯୋଡ଼ାଯାଇଥିବା ବେଳେ ସେ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ଏକ ରାଜନୈତିକ ଦଳର କର୍ମୀ ଟଙ୍କା ବାଣ୍ଟୁଥିବା ବେଳେ ତାହାକୁ ଲୋକେ ବିରୋଧ କରିବାକୁ ସେମାନେ ଆକ୍ରୋଶମୂଳକ ଭାବେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଥିବା ଅଭିଯୋଗ ହୋଇଛି। ଏପରିକି ଟଙ୍କା ନ ରଖିବାରୁ ରାଶନ୍ କାର୍ଡ କାଟିଦେବାକୁ ଧମକ ଦିଆଯାଉଛି ବୋଲି କେତେଜଣ ମହିଳା କହିଛନ୍ତି। ପ୍ରତିବାଦ ଖବର ପାଇ ପିପିଲି ପୋଲିସ ପହଞ୍ଚି ଧ୍ରୁବ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କାଉନସିଲର ବେଣୁଧର ବେହେରା କହିଛନ୍ତି, ତାଙ୍କ ଭାଇ ଧ୍ରୁବ ବେହେରାଙ୍କ ନାମ ଭୁଲ୍‌ବଶତଃ ପ୍ରକାଶ କରିଛନ୍ତି। ତେବେ ଗାଁରେ ଟଙ୍କା ବଣ୍ଟା ଓ ରାଶନ୍ କାର୍ଡ କାଟି ଦେବା ଧମକ ଅଭିଯୋଗ ମିଥ୍ୟା।

### ବିଷ୍ଣୁପ୍ରିୟା ସିଂହାରୀଙ୍କ ପରଲୋକ

ପୁରୀ,୨୪।୫ (ଅଜିତ୍ ମହାନ୍ତି)



ଶ୍ରୀମନ୍ଦିରର ବରିଷ୍ଠ ସିଂହାରୀ ସେବାୟତ ତଥା ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ମଧୁସୂଦନ ସିଂହାରୀଙ୍କ ମାତା ବିଷ୍ଣୁପ୍ରିୟା ସିଂହାରୀଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସିଂହାରୀଙ୍କ ସହଧର୍ମିଣୀ ହେଉଛନ୍ତି ବିଷ୍ଣୁପ୍ରିୟା। ମୃତ୍ୟୁବେଳକୁ ବିଷ୍ଣୁପ୍ରିୟାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା ଓ ମେଳାପୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ସିଂହାରୀ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ସୀତାରାମ ସିଂହାରୀ, ସାନପୁଅ ମଧୁସୂଦନ ସିଂହାରୀ, ତିନିଝିଅ, ଜ୍ୱାଇଁ, ବୋହୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ସୀତାରାମ ସିଂହାରୀ ମୁଖାଗ୍ନି ଦେଇଥିଲେ।

### ଗାଁ ବୁଲି ଭୋଟ ମାଗିଲେ ବିଶ୍ୱଭୂଷଣ

ଅସ୍ତରଙ୍ଗ, ୨୪।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ କାକଟପୁରରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଟି, ନଗର, ଅସ୍ତରଙ୍ଗ, ମାଣ୍ଡୁକି ଗ୍ରାମରେ ନିଜ ସମର୍ଥକଙ୍କୁ ନେଇ ସେ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସର ୯ ଗ୍ୟାରେଣ୍ଟି ଯଥା ଧାନର ମୂଲ୍ୟ ଏମ୍ଏସ୍‌ପି ୩ ହଜାର ଟଙ୍କା, ଚାଷୀଙ୍କୁ ମାସିକ ଭତ୍ତା ୨ ହଜାର



ଟଙ୍କା, ସମସ୍ତ କୃଷିଋଣ ଛାଡ଼ ଆଦି ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ଲୋକଙ୍କୁ ଜଣାଉଛନ୍ତି। ଜିତିଲେ ସମୃଦ୍ଧ କାକଟପୁର ଗଢ଼ିବା ଦିଗରେ କାମ କରିବେ ବୋଲି ବିଶ୍ୱଭୂଷଣ କହିଛନ୍ତି।

# ଆଜି ଭୋଟ: ମତଦାନ କେନ୍ଦ୍ର ପ୍ରସ୍ତୁତ

ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)



ଓଡ଼ିଶାର ୩ୟ ପର୍ଯ୍ୟାୟ ତଥା ପୁରୀ ଜିଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ଶନିବାର ଅନୁଷ୍ଠିତ ହେବ। ନିର୍ବାଚନକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ପ୍ରଥମ ପର୍ଯ୍ୟାୟରେ ୪ଟି ନିର୍ବାଚନ ମଣ୍ଡଳୀ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲିରେ ୨୫ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ମତଦାନ ନିମନ୍ତେ ଗୁରୁବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୋଲିଂପାର୍ଟିମାନଙ୍କୁ ବୁଥକୁ ପଠାଯାଇଥିବାବେଳେ ଶୁକ୍ରବାର ପୁରୀ, ସତ୍ୟବାଦୀ ଓ ପିପିଲି ନିର୍ବାଚନ ମଣ୍ଡଳୀର ପୋଲିଂ ପାର୍ଟିକୁ ପ୍ରେରଣ କରାଯାଇଛି। ଜିଲାର ମୋଟ ୧୪୧୩୫୧୨ ଭୋଟରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଏହି ୪ଟି ନିର୍ବାଚନମଣ୍ଡଳୀରେ ୯୨୧୮୧୪ ଭୋଟର ୧୦୩୮ ବୁଥ୍‌ରେ ମତଦାନ କରିବେ। ଏଥିମଧ୍ୟରେ ୧୮ରୁ ୧୯ ବର୍ଷ ବୟସର ୧୯୯୫୪, ୨୦ରୁ ୨୯ ବର୍ଷ ବୟସର ୧୭୨୦୦୬, ୩୦ରୁ ୩୯ ବର୍ଷ ବୟସର ୧୯୧୫୮୩, ୪୦ରୁ ୪୯ ବର୍ଷ ବୟସର ୨୦୬୮୯୯, ୫୦ରୁ ୫୯ ବର୍ଷ ବୟସର ୧୫୦୪୩୪, ୬୦ରୁ ୬୯ ବର୍ଷ ବୟସର ୧୦୦୮୩୪, ୭୦ରୁ ୭୯ ବର୍ଷ ବୟସର ୫୪୫୨୪, ୮୦ରୁ ୮୯ ବର୍ଷ ବୟସର ୨୦୭୦୨, ୯୦ରୁ ୯୯ ବର୍ଷ ବୟସର ୪୫୧୧, ୧୦୦ରୁ ୧୦୯ ବର୍ଷ ବୟସର ୩୨୦, ୧୧୦ରୁ ୧୧୯ ବର୍ଷ ବୟସର ୪୪ ଓ ୧୨୦ ବର୍ଷରୁ ଊର୍ଦ୍ଧ୍ୱ ୩ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ ୧୪ଟି ଭଲ୍‌ନରେବଲ ବୁଥ ଥିବା ବେଳେ ୧୪୦ କ୍ରିଟିକାଲ ବୁଥ୍ ରହିଛି। ୧୮ ଜଣ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତି ଦିଆଯାଇଛି। ରିଜର୍ଭ ସହ ମୋଟ ୧୨୪୬ ପ୍ରିଜାଇଡିଂ ଅଫିସର ଓ ୧୨୪୬ ଜଣ ଲେଖାଏ ପ୍ରଥମଠାରୁ ପଞ୍ଚମ ପୋଲିଂ ପର୍ଯ୍ୟନ୍ତ ପୋଲିଂ ଅଫିସରଙ୍କୁ ପ୍ରେରଣ କରାଯାଇଛି। ୧୭୦ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ୪ଟି ଭିନ୍ନକ୍ଷମ ପୋଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ବୁଥ୍, ୯ଟି ଯୁବ

### ବୁଥ୍‌କୁ ଗଲେ ପୋଲିଂ ପାର୍ଟି

ପୋଲିଂ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ବୁଥ୍, ୬ଟି ଇକୋ ଫ୍ରେଣ୍ଡଲି ବୁଥ୍ ଓ ଅନ୍ୟ ୭ଟି ଥିମ ବେସ୍‌ଡ ବୁଥ୍ କରାଯାଇଛି। ୧୦୩୮ ବୁଥ୍ ମଧ୍ୟରୁ ୬୨୩ରେ ୱେବ କାଷ୍ଟିଂ କରାଯିବ। ସୁରକ୍ଷା ପାଇଁ ୧୧ କମ୍ପାନୀ ସିଏପିଏଫ ନିଯୁକ୍ତ ହୋଇଛନ୍ତି ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ୩୨୨୧ ଜଣ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟଦାନ କରିଥିବାବେଳେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୨୨୦ ଜଣ ଓ ୭୮ ଜଣ ଭିନ୍ନକ୍ଷମ ସେମାନଙ୍କ ଘରେ ମତଦାନ କରିଛନ୍ତି। ବିଭିନ୍ନ ପ୍ରକାରର ୬୬୭ଟି ଗାଡ଼ି ପୋଲିଂ ପାର୍ଟିର ଯାତାୟତରେ ନିୟୋଜିତ ହୋଇଛି। ସମ୍ଭାବ୍ୟ ବର୍ଷା, କାଳବୈଶାଖୀକୁ ଦୃଷ୍ଟିରେ ରଖି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ନିର୍ବାଚନ ଗଣତନ୍ତ୍ରର ମହାପର୍ବ ହୋଇଥିବାରୁ ସମସ୍ତ ଭୋଟର ନିଶ୍ଚିତ ମତଦାନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।



ପୁରୀ ବେଳାଭୂମିରେ ଶୁକ୍ରବାର ୫ଶହ କିଲୋ ଆମ୍ବ ଦ୍ୱାରା ପ୍ରସ୍ତୁତ ବାଲୁକା କଳାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମତଦାନ ନେଇ ସଚେତନତା ବାର୍ତ୍ତା ଦେଉଛନ୍ତି।

### ବିଭୁପ୍ରସାଦଙ୍କ ପାଇଁ ପ୍ରଚାର କଲେ ସ୍ତ୍ରୀ ରାନୁଶ୍ରୀ

ଅସ୍ତରଙ୍ଗ,୨୪।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜଗତସିଂହପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କ ପାଇଁ ପ୍ରଚାର କରୁଛନ୍ତି ତାଙ୍କ ସ୍ତ୍ରୀ ରାନୁଶ୍ରୀ ତରାଇ। ସେ ଗାଁ ବୁଲି ସ୍ୱାମୀଙ୍କ ପାଇଁ ଭୋଟ ମାଗିବା ସହ ମୋଦି ଗ୍ୟାରେଣ୍ଟି ବିଷୟରେ ଲୋକଙ୍କୁ ଜଣାଉଛନ୍ତି। ରାନୁଶ୍ରୀ ଶୁକ୍ରବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଳଦା ଗ୍ରାମର ଗ୍ରାମଦେବତୀ ଓଁ ମା ଜଳିଆବୁଢ଼ୀଙ୍କ ନିକଟରେ ପୂଜାର୍ଚ୍ଚନା କରି ନିଜ ସମର୍ଥକଙ୍କ ସହ ମାଳଦା, ଅସ୍ତରଙ୍ଗ, ହରିଣହୁଳା ଆଦି ସ୍ଥାନ ବୁଲି ପ୍ରଚାର କରିଥିଲେ। ଜିଲା ମହିଳା ଉପସଭାପତି ବାସନ୍ତୀ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ରାଜଲକ୍ଷ୍ମୀ ଦାସ, ଈଶ୍ୱର ବେହେରା, ଶିଶିର ବେହେରା, ରାମଚନ୍ଦ୍ର କାଣ୍ଡି, ସିଲୁ ରାଉତ, ରୂପେନ୍ଦ୍ର ବାରିକ, ପ୍ରଶାନ୍ତ ନାୟକ, ପ୍ରକାଶ କୁମାର ନାୟକ, ପ୍ରଦୀପ୍ତ ପରିଡା, ରମାକାନ୍ତ ବସ୍ତିଆଙ୍କ ସମତେ ଅନେକ କର୍ମୀ ତାଙ୍କ ସହିତ ଉପସ୍ଥିତ ଥିଲେ।

### ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ

ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

#### କ୍ରୀଡ଼ାବିତ୍, ରେଫରି ସମ୍ବର୍ଦ୍ଧିତ

ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ମୁକ୍ତାକାଶ ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତୀୟ ସ୍ତରରେ ଟାଏକୋଣ୍ଡୋରେ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର କ୍ରୀଡାବିତ୍‌ମାନେ ସୁନାମ ଅର୍ଜନ କରିଥିବା ସମସ୍ତ ପଦକ ବିଜେତା, ଜାତୀୟ ରେଫରି ଏବଂ ବ୍ଲାକ୍‌ବେଲ୍ଟ ପାଇଥିବା କ୍ରୀଡାବିତ୍‌ମାନଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଅନୁଷ୍ଠାନ ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଗୁରୁ ତଥା ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ସଭାପତି ବ୍ୟୋମୋକେଶ ଅଭିଳାଷ ପ୍ରସାଦ, ପୂର୍ବତନ କୁସ୍ତି କ୍ରୀଡାବିତ୍ ଭଗବାନ ସୂପକାର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଓ କ୍ରୀଡାପ୍ରେମୀ ଭାରତୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଅନୁଷ୍ଠାନର ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେହିପରି କ୍ରୀଡାବିତ୍‌ମାନଙ୍କୁ ସାହସ ଓ ପ୍ରେରଣା ଦେବା ସହ ଟାଏକୋଣ୍ଡୋ କ୍ରୀଡ଼ାର ଆହୁରି ଉନ୍ନତି ପାଇଁ ସର୍ବଦା ସାହାଯ୍ୟ ଓ ସହଯୋଗ କରିବା ପାଇଁ ମୁଖ୍ୟ ଅତିଥି ଖୁଣ୍ଟିଆ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସିନିୟର୍ ଜାତୀୟ ପଦକ ବିଜେତା ସଂଯୁକ୍ତା ବରାଳ, ସୀମା କୁମାରୀ ହାଁସଦ, ସନ୍ ତ୍ରିପାଠୀ, ଲିପିକା ପଲେଇ ଓ ସୂର୍ଯ୍ୟକାନ୍ତ ପତି, ଜୁନିୟର ଜାତୀୟ ପଦକ ବିଜେତା ମୋନିକା ପଲେଇ ଓ କ୍ୟାଡେଟ୍ ଜାତୀୟ ବିଜେତା ଅପର୍ଣ୍ଣା ସାହୁ, ଶୁଭମ୍ ମହାପାତ୍ର ଓ ପ୍ରୀୟାଂଶୁ ସ୍ୱାଇଁ ଏବଂ ସବ୍‌ଜୁନିୟର ଜାତୀୟ ବିଜେତା ଡି. ଅର୍ପିତା ରେଡ୍ଡୀ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ଦିବ୍ୟା ସାହୁ ଏବଂ ଆର୍. ସିଦ୍ଧାର୍ଥ ରେଡ୍ଡୀ ପ୍ରମୁଖ କ୍ରୀଡାବିତ୍‌ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଜିଲାର ସମସ୍ତ ଟାଏକୋଣ୍ଡୋ ଏକାଡେମୀର କୋଚ୍‌ମାନଙ୍କ ସହ କ୍ରୀଡ଼ାପ୍ରେମୀ ତଥା ଶୁଭଚିନ୍ତକମାନଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡାବିତ୍, ରେଫରି ଏବଂ ଅନ୍ୟମାନେ।

### ଭାଜପାରେ ମିଶିଲେ ଶତାଧିକ କର୍ମୀ

ନିମାପଡ଼ା,୨୪।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭାଜପା ପକ୍ଷରୁ ଦୁଇଟି ମିଶ୍ରଣ ସମାରୋହ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତର ବାଲିଆ ଗ୍ରାମ ଓ ଶାଇଁସ ଶାସନ ପଞ୍ଚାୟତର ତୋରିଆବନ୍ଧ ଗ୍ରାମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଭାଜପାର ବରିଷ୍ଠ ନେତା ସମୀର ରଞ୍ଜନ ଦାଶ, ସୁବାସ ମିଶ୍ର, ଆମୋନୀ ରଥ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରା, ଭାଜପା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବାଲିଆ ଗ୍ରାମ ଓ ତୋରିଆବନ୍ଧ ଗ୍ରାମର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଲକ୍ଷ୍ମୀଧର ପ୍ରଧାନ, ଗଦାଧର ବାରିକ, ପ୍ରଭାତ ଦାସ, ନରେନ୍ଦ୍ର ବରାଳ, ରାମଚନ୍ଦ୍ର ଖଟୋଇ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଅତିଥିମାନେ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପା ପ୍ରାର୍ଥୀଙ୍କ ବିଜୟ ପାଇଁ କାର୍ଯ୍ୟ କରିବେ ବୋଲି ନୂତନ କର୍ମୀମାନେ କହିଛନ୍ତି।

## ରଥଖଳାରୁ...

### ପଇ କଳସା କାର୍ଯ୍ୟ ଆରମ୍ଭ



ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ଚତୁର୍ଦ୍ଦଶ ଦିବସରେ ଶୁକ୍ରବାର ରଥ ନିର୍ମାଣକାରୀ ସେବକମାନେ ରଥଖଳାରେ ତିନି ରଥ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥର ନାହାକା ତୁମ୍ବରେ ପନ୍ଦାରିବଳା ଲାଗି ଅନୁକୂଳ ସହ ତୁମ୍ବ ଅରରେ ପଇ ପିନ୍ଧା ଅନୁକୂଳ ସମ୍ପନ୍ନ ହୋଇଥିଲା। ତିନି ରଥର ଦୁଇଟି ଲେଖାଏ ନାହାକା ଚକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତମହାରଣା ସେବକମାନେ ମାପ ପ୍ରକାରେ ତୁମ୍ବରେ ପନ୍ଦାରି ଗାଡ଼ ଖୋଦେଇ ଶେଷ କଲା ପରେ ମୁଖ୍ୟ ମହାରଣାଙ୍କ ଦ୍ୱାରା ପନ୍ଦାରି ବଳା ଅନୁକୂଳ ପୂଜା ପୂର୍ବକ ତୁମ୍ବରେ ପନ୍ଦାରି ବଳା ବସିବା ବିଧି ସମ୍ପନ୍ନ ହୋଇଥିଲା। ତିନିରଥର ଦୁଇଟି ଲେଖାଏ ତୁମ୍ବରେ ଅର ସଂଯୋଗ ହୋଇ ପଇ ପିନ୍ଧା କାର୍ଯ୍ୟ ସରି ପଇ କଳସା କାର୍ଯ୍ୟ ଆରମ୍ଭ ହୋଇଛି। ଏଥି ସହ ତିନି ରଥର ୧୧ଟି ଗୁଜ ୯ ଜଳଯନ୍ତ୍ର, ୬ ତୀଖ ଗୁଜ, ୪ଟି ଲେଖାଏ କୁଡୁକା ଶେଷ ହୋଇଛି। ରୂପକାର ସେବକମାନେ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପନ୍ଦାରି ଚାବି ଏବଂ ପନ୍ଦାରି ବଳା ନିର୍ମାଣ କରୁଛନ୍ତି।

### ଦିଲୀପଙ୍କ ପାଇଁ ପ୍ରଚାରକଲେ ରିୟା, ଦୀପକ



ଚାରିଛକ/ନିମାପଡ଼ା,୨୪।୫ (ଶିଶିର ସ୍ୱାଇଁ/ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୧ ନଂ. ଜୋନରେ ଜମୁଛି ପ୍ରଚାର। ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ କର୍ମୀଙ୍କ ସହ ବୁଲି ବୁଲି ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଭୋଟ ମାଗୁଛନ୍ତି। ଶୁକ୍ରବାର ଦିଲୀପ ଶୋଭାଯାତ୍ରାରେ ଯାଇ କଳାପାଞ୍ଚଣ, ଭୋଦର, ତମ୍ପାଳ, ଛଣିଜଙ୍ଗ ପଞ୍ଚାୟତରେ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହିତ ସିନେ ତାରକା ରିୟା ଦେ ଓ ଦୀପକ ମଧ୍ୟ ଗାଁକୁ ଗାଁ ବୁଲି ତାଙ୍କ ସପକ୍ଷରେ ପ୍ରଚାର କରିବା ସହ ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଶୋଭାଯାତ୍ରାରେ ଜିଲା ପରିଷଦ ସଭ୍ୟା ସସ୍ମିତା ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ନାୟକ, ବରିଷ୍ଠ ନେତା ନିରଞ୍ଜନ ସାହୁ ପ୍ରମୁଖ ସାମିଲ ଥିଲେ। ନିମାପଡ଼ାରେ ଚତୁର୍ଥ ଥର ପାଇଁ ଶଙ୍ଖ ବାଜିବ ବୋଲି ଦିଲୀପ ଦୃଢୋକ୍ତି ପ୍ରକାଶ କରିଛନ୍ତି।

### ଗୋପରେ ରୋଜାଲିନ୍‌ଙ୍କ ପ୍ରଚାର



ଗୋପ,୨୪।୫(ଭାରତୀ ଭୂଷଣ ଉପାଧ୍ୟାୟ):

ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକର ୫ଟି ପଞ୍ଚାୟତରେ ଶୁକ୍ରବାର ସ୍ୱାଧିନ ପ୍ରାର୍ଥୀ ରୋଜାଲିନ ନାୟକ ପ୍ରଚାର କରିଛନ୍ତି। ସେହିପରି ପଥପ୍ରାନ୍ତ ସଭା କରି ନିଜ ପାଇଁ ଭୋଟ୍ ମାଗିଛନ୍ତି। ରୋଜାଲିନ ଏରବଙ୍ଗ ପଞ୍ଚାୟତର ଜେନା ସାହି, ଡିହସାହିରେ ପ୍ରଚାର କରିଥିବାବେଳେ ବହୁ ଲୋକ ତାଙ୍କୁ ସମର୍ଥନ ଜଣାଇଥିଲେ।

### ୨ଶହ ବର୍ଷରେ ବାରି ଗାଦି ମେଳଣ



ଯୋଗେଶ୍ୱରପୁର, ୨୪।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ନୂଆପାଟଣାଠାରେ ଅନନ୍ତ ବଟ ଠାକୁରଙ୍କ ବାରି ଗାଦି ମେଳଣ ୨ ଶହ ବର୍ଷରେ ପଦାର୍ପଣ କରିଛି। ଶୁକ୍ରବାର ବାରଗାଦି ଦୋଳ ମେଳଣ ପଡ଼ିଆଠାରେ ବାଜା ବଜାଇ ବାଣ ଫୁଟାଇ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଦୋଳ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲା। ଏହି ମେଳଣରେ ସକାଳେ ଓ ମଧ୍ୟାହ୍ନରେ ଭୋଗ ପରେ ସନ୍ଧ୍ୟାରେ ଆଳତି କରି ବିଭିନ୍ନ ସ୍ଥାନରୁ ଆସିଥିବା ଠାକୁର ଯାଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାରଗାଦି ମେଳଣରେ ଗ୍ରାମବାସୀ ସହଯୋଗ କରିଥିଲେ। ବାର ଗାଦି ମେଳଣରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଠାକୁର ଦର୍ଶନ କରିବା ସହ ଯାତ୍ରା ଉପଭୋଗ କରିଥିଲେ। ଏଠାରେ ୪ଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥାଏ।

### ୧୨ ସଂଖ୍ୟାର ସମଷ୍ଟି ଦିଘାଲୋ ମେଳଣ

ନିମାପଡ଼ା,୨୪।୫(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ନିକଟସ୍ଥ ଦିଘାଲୋସ୍ଥିତ ପ୍ରଭୁଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ଦୁଇଦିନିଆ ଭଗବତ ବାସୁଦେବ ମେଳଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅନ୍ୟତ୍ର ରାଧାକୃଷ୍ଣ ଏବଂ ଭାଗବତ ବାସୁଦେବ ମେଳଣ ୨ମାସ ଅର୍ଥାତ ଚୈତ୍ର ଓ ବୈଶାଖରେ ଅନୁଷ୍ଠିତ ହୋଇଥାଏ। ସେହିକ୍ରମରେ ଦିଘାଲୋସ୍ଥିତ ପ୍ରଭୁଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ମେଳଣ ଭଗବତ ବାସୁଦେବ ମେଳଣ ଭାବେ ସର୍ବବିଦିତ। ତେବେ ଏଠାରେ ଏକ ନିଆରା ପରମ୍ପରା ବହୁ ପ୍ରାଚୀନ କାଳରୁ ରହିଆସିଛି। ବୈଶାଖ ପୂର୍ଣ୍ଣିମା ପୂର୍ବଦିନ ବିଳମ୍ବିତ ରାତ୍ରିରେ ଆଖପାଖ ୧୨ଖଣ୍ଡ ଗ୍ରାମରୁ ପ୍ରଭୁ ଶ୍ରୀଜଗନ୍ନାଥ ସୁସଜ୍ଜିତ ୧୨ଟି ବିମାନରେ



ବାଜା, ବାଣ ରୋଷଣୀରେ ମେଳଣସ୍ଥଳକୁ ବିଜେ କରିଥାନ୍ତି। ସବୁଠି ରାଧାକୃଷ୍ଣ ଓ ପୋଥି ମେଳଣ ସ୍ଥଳୀକୁ ବିଜେ କରିଥାନ୍ତି। ହେଲେ ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମେଳଣସ୍ଥଳୀକୁ ଆସିଥାନ୍ତି। ଦିନ ତମାମ ସମସ୍ତ ନୀତିକାନ୍ତି କରାଯାଇ ଯଜ୍ଞ କାର୍ଯ୍ୟ ସମାପନ ପରେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଦର୍ଶନ କରି କୃତାର୍ଥ ଲାଭ କରିଥାନ୍ତି। ସେଥିପାଇଁ ପୂର୍ଣ୍ଣିମା ସନ୍ଧ୍ୟାରେ ଏଠାରେ ଜନଗହଳି ଦେଖିବାକୁ ମିଳିଥାଏ। ମେଳଣର ଅନ୍ୟ ଏକ ପରମ୍ପରା ହେଉଛି ୧୨ ସଂଖ୍ୟାର ସମଷ୍ଟି। ଭାଗବତର ୧୨ଟି ସ୍କନ୍ଦ ପଢାଯାଇଥାଏ। ଏଠାରେ ୧୨ଜଣ ବ୍ରାହ୍ମଣଙ୍କ ଦ୍ୱାରା ୧୨ଟି ଗ୍ରାମରୁ ଆସିଥିବା ବିମାନରେ ଆସିଥିବା ୧୨ଟି ଜଗନ୍ନାଥ ପ୍ରତିମାକୁ ପୂଜା କରାଯାଇଥାଏ। ୧୨ ସେର ଘୃତରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥାଏ। ଏଭଳି ପରମ୍ପରା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ। କିମ୍ବଦନ୍ତୀରୁ ଜଣାପଡ଼େ ଯେ, କେଶରୀ ବଂଶର ସୁବର୍ଣ୍ଣକେଶରୀ ନାମକ ରାଜା ପୁତ୍ର ପ୍ରାପ୍ତି ନିମନ୍ତେ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ନିକଟରେ ମାନସିକ ରଖି ହୋମଯଜ୍ଞ କରିଥିଲେ। ହରି ଏବଂ ହରଙ୍କ ମିଳନ ପାଇଁ ୧୨ଟି ଗ୍ରାମରୁ ଜଗନ୍ନାଥ ପ୍ରତିମା ଆଣି ମେଳଣର ଶୁଭାରମ୍ଭ କରିଥିଲେ ବୋଲି ନିକଟରୁ ମିଳିଥିବା ତାମ୍ରଫଳକରୁ ସୂଚନା ମିଳେ।

# ୧୯୨୩ ବୁଥ୍‌ରେ ୧୯ଲକ୍ଷ ୬ହଜାର ୫୧୮ ଭୋଟର

## ଆଜି ସକାଳ ୭ରୁ ମତଦାନ

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଶନିବାର ଭୋଟ ଗ୍ରହଣ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସମସ୍ତ ପୋଲିଂ ପାର୍ଟି ନିର୍ଦ୍ଧାରିତ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ମତଦାନ ପରେ ପୋଲିଂପାର୍ଟି ଇଭିଏମ୍ ଓ ଭିଭିପିଏଟି ମେଶିନ ନିର୍ଦ୍ଧାରିତ ଷ୍ଟ୍ରଙ୍ଗରୁମ୍‌ଠାରେ ଦାଖଲ କରିବେ। ଭୋଟରମାନେ ଭୋଟର ପରିଚୟପତ୍ର ବ୍ୟତୀତ ଭାରତ ନିର୍ବାଚନ ଆୟୋଗ ଉଲ୍ଲେଖ କରିଥିବା ଯେକୌଣସି ପରିଚୟପତ୍ର ଦେଖାଇ ମତଦାନ କରିପାରିବେ। ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ସମସ୍ତ ବୁଥ୍‌ରେ ସର୍ବନିମ୍ନ ସୁବିଧା ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ ଭୋଟର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ର୍ୟାମ୍ପ, ଶୌଚାଳୟ, ପାନୀୟଜଳ, ମେଡିକାଲ ଟିମ୍, ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ସମସ୍ତ ମତଦାନ କେନ୍ଦ୍ରରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଭୋଟରଙ୍କ ପାଇଁ ମୋ ବୁଥ ଆପ ରହିଛି। ଏଥିରେ ମତଦାନ କେନ୍ଦ୍ର ଅବସ୍ଥିତି ସମ୍ପର୍କରେ ଜାଣିପାରିବେ। ଏଥିସହିତ ଭୋଟର ହେଲ୍‌ପ ଲାଇନ ଆପ୍ ମଧ୍ୟ ସହଯୋଗ ନେଇପାରିବେ। ଏତଦ୍‌ବ୍ୟତୀତ ୧୯୫୦କୁ ଏସ୍‌ଏମଏସ୍ କରି ନିଜ ବୁଥକେନ୍ଦ୍ର ସମ୍ପର୍କରେ ଜାଣିପାରିବେ। ଜିଲାସ୍ତରରେ ୨୪ ଘଣ୍ଟିଆ ସୂଚନା କେନ୍ଦ୍ର ଖୋଲାଯାଇ ନିର୍ବାଚନ ସମ୍ପର୍କିତ ସମସ୍ତ ଅଭିଯୋଗ ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି। ନିର୍ବାଚନର ଏହି ମହାନ ପର୍ବରେ ଭୋଟରମାନେ ସାମିଲ ହେବା ପାଇଁ ଜିଲାପାଳ ନିବେଦନ କରିଛନ୍ତି। ଜିଲାରେ ମୋଟ ୧୯ଲକ୍ଷ ୬ହଜାର ୫୧୮ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୯,୯୦,୭୩୪ ଓ ମହିଳା ୯,୧୫,୨୦୫ ଏବଂ ତୃତୀୟ ଲିଙ୍ଗୀ ୫୭୯ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରେ ୧୮ରୁ ୧୯ ବର୍ଷ ବୟସରେ ୪୨ହଜାର ୧୦୦ ଯୁବ ଭୋଟର ଥିବା ବେଳେ ୩୨ହଜାର୫୭ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ଜିଲାରେ ୧୯୨୩ ବୁଥ୍ ମଧ୍ୟରୁ ୫୨୫ଟି ସଖୀ ବୁଥ ରହିଛି। ସେଥିରୁ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୨ଶହ ବୁଥ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ପ୍ରତ୍ୟେକ ସଖୀ ବୁଥ୍‌ରେ ମହିଳାମାନଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ୮ଟି ମତଦାନ କେନ୍ଦ୍ର ଏବଂ ଯୁବ କର୍ମଚାରୀଙ୍କ ଦ୍ୱାରା ୪୦ଯୁବ ମତଦାନ କେନ୍ଦ୍ର ଦାୟିତ୍ୱରେ ଅଛନ୍ତି। ୧୯୨୩ ବୁଥ୍ ମଧ୍ୟରୁ ୧୧୪୪ ବୁଥ୍‌ର ୱେବ୍ କାଷ୍ଟିଂ କରାଯିବ। ୨୭ ସମ୍ବେଦନଶୀଳ ଓ ୩୦୬ ଅତି ସମ୍ବେଦନଶୀଳ ବୁଥ୍ ରହିଛି। ଏଥିସହ ୭ ଇକୋ-ଫ୍ରେଣ୍ଡଲି ଏବଂ ୩୮୪ ଆଦର୍ଶ ମତଦାନ କେନ୍ଦ୍ର ରହିଛି। ୧୫ହଜାରରୁ ପୋଲିଂ ଅଧିକାରୀ ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲାରେ ୨୨ କମ୍ପାନୀ ସିଆର୍‌ପିଏଫ୍ ନିୟୋଜିତ ରହିବେ। ବିଏମ୍‌ସିରେ ୧୦ ଏବଂ ଖୋର୍ଦ୍ଧା ପୋଲିସ ଅଧୀନରେ ୧୨ କମ୍ପାନୀ କାର୍ଯ୍ୟ କରିବେ। ନିର୍ବାଚନ ପରିଚାଳନାରେ ସହାୟତା ନିମନ୍ତେ ୫୫ ମାଇକ୍ରୋ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି।



ଖୋର୍ଦ୍ଧା ଅଞ୍ଚଳର ଏକ ମତଦାନ କେନ୍ଦ୍ର।


ଖରାରୁ ରକ୍ଷା ପାଇବା ପାଇଁ ପ୍ରଶାସନ ପକ୍ଷରୁ ମତଦାନ କେନ୍ଦ୍ରଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଟେଣ୍ଟ।

## ସଂକ୍ଷେପରେ

### ଦେଶୀ ମଦ ଜବତ, ୪ ଗିରଫ

ବେଗୁନିଆ,୨୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୨ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୪ ଜଣଙ୍କ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ପ୍ରଫୁଲ୍ଲ କୁମାର ସାହୁ, ସୌମ୍ୟ ରଞ୍ଜନ ଛୁଆଳସିଂହ, ମଇନା ନାୟକ ଓ ଶ୍ରୀନିବାସ କହଲସିଂହ। ବେଗୁନିଆ ଅବକାରୀ ଥାନା ଉପ ନିରୀକ୍ଷକ ଧଳାପଥର, ଗୁଡୁମ୍, ବାଘମାରୀ ଓ କାଠଖୁଣ୍ଟିଆ ଆଦି ଅଞ୍ଚଳରେ ଚଢ଼ାଉ କରି ମଦ ଜବତ କରିବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

### ଶିକ୍ଷାବିତ୍ ନୃସିଂହ ଚରଣଙ୍କ ପରଲୋକ

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଅଧ୍ୟକ୍ଷ ଡ. ନୃସିଂହ ଚରଣ ପାତ୍ରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ହୋଇଥିଲା। ନୃସିଂହଙ୍କ ପୈତୃକ ବାସସ୍ଥାନ ବାଲେଶ୍ୱର ହୋଇଥିବା ବେଳେ ସେ ଚାକିରିରୁ ଅବସର ନେବା ପରେ ସ୍ଥାନୀୟ ବିଡିଏ କଲୋନୀ ଅଞ୍ଚଳରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସେ ଆଇଆଇଟି ଖଡ଼ଗପୁରରୁ ଏମ୍‌ଟେକ୍ ଓ ପିଏଚ୍‌ଡି ହାସଲ କରିଥିଲେ। ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ବୋଲଗଡ, ନିରାକାରପୁର କଲେଜରେ ଅଧ୍ୟାପନା କରି ବହୁ ସୁନାମ ଅର୍ଜନ କରିଥିଲେ। ତାଙ୍କ ମାର୍ଗଦର୍ଶନରେ ବହୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭ କରିଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଯିବାକୁ ନେଇ ଉତ୍ତେଜନା

ପିପିଲି, ୨୪।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ଏନ୍‌ଏସି ଅଧୀନ ୧୧ନଂ ୱାର୍ଡରେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପଡ଼ିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ରାଜନୈତିକ କାରଣରୁ ଏହି ଘଟଣା ଘଟିଛି। ଗ୍ରାମର ଜଣେ ବୟସ୍କ ବ୍ୟକ୍ତି ଧୂନ୍ଦ ବେହେରା ରାସ୍ତାରେ ଶୋଇ ଏହାର ପ୍ରତିବାଦ କରିଛନ୍ତି। ଏହିଘଟଣାରେ ଗ୍ରାମର ଜଣଙ୍କ ନାଁ ଯୋଡ଼ାଯିବାରୁ ସେ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

### ମୃଦଙ୍ଗ ବାଦକ ପ୍ରସନ୍ନଙ୍କ ପରଲୋକ

ବେଗୁନିଆ,୨୪।୫
(ହର ପ୍ରସନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ମୃଦଙ୍ଗ ବାଦକ ପ୍ରସନ୍ନ କୁମାର ପଣ୍ଡାଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅତ୍ରି ଶାଖା ନିଗମାନନ୍ଦ ପରମହଂସ ଦେବଙ୍କ ପରମ ଭକ୍ତଭାବେ ପ୍ରସନ୍ନ ଜଣେ ସକ୍ରିୟ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ମୃତ୍ୟୁ ସମୟରେ ତାଙ୍କ ଦୁଇ ପୁଅ ପ୍ରଦୀପ ଓ ପ୍ରତାପଙ୍କ ସହ ଦୁଇ ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ପ୍ରସନ୍ନଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ଅବକାରୀ ସାମଗ୍ରୀ ବିକ୍ରି ଉପରେ ନିଷେଧାଦେଶ

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋକ ସଭା ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଏବଂ ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ନିର୍ବାଚନ ପାଇଁ ସମସ୍ତ ପ୍ରକାର ଅବକାରୀ ସାମଗ୍ରୀ ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଛି। ଉପରୋକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲାର ୧୦ କିଲୋମିଟର ପରିସୀମାରେ ଅବସ୍ଥିତ ସମସ୍ତ ଅବକାରୀ ବିକ୍ରୟ ଦୋକାନ ବନ୍ଦ ରଖାଯିବ। ଏଗୁଡିକୁ ସିଲ୍ କରାଯିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ମତଦାନ ଶେଷ ହେବା ପର୍ଯ୍ୟନ୍ତ ଏବଂ ଜୁନ ୪ତାରିଖ ଭୋଟ ଗଣତି ଦିନ ଅବକାରୀ ସାମଗ୍ରୀ ବିକ୍ରି ଦୋକାନ ଗୁଡିକ ବନ୍ଦ ରହିବ। ଏହି ସମୟରେ ମଦ ପ୍ରସ୍ତୁତକାରୀ କମ୍ପାନୀ ଗୁଡିକ କେବଳ ମଦ ପ୍ରସ୍ତୁତ କରିପାରିବେ। ଏହାକୁ ରପ୍ତାନୀ କିମ୍ବା ସ୍ଥାନାନ୍ତର କରିପାରିବେ ନାହିଁ। ଲାଇସେନପ୍ରାପ୍ତ ମଦ ବିକ୍ରେତାମାନେ ମଧ୍ୟ ଏହି ନିଷିଦ୍ଧ ସମୟ ମଧ୍ୟରେ ଷ୍ଟକ ଉଠାଇପାରିବେ ନାହିଁ। ଏହି ନିର୍ଦ୍ଦେଷନାମା ପାଳନରେ ଉଲ୍ଲଂଘନ କରାଗଲେ, ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ମତଦାନ ପାଇଁ ୧୪୪ ଧାରା

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଶନିବାର ମତଦାନ ହେବ। ଶୃଙ୍ଖଳିତ ମତଦାନ ପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ୧୪୪ ଧାରା ଜାରି କରିଛନ୍ତି। ଜିଲାର ୮ ନିର୍ବାଚନ ମଣ୍ଡଳୀରେ ୨୬ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଧାରା ଅନୁଯାୟୀ ଭୋଟଗ୍ରହଣ କେନ୍ଦ୍ର ପରିସର, ୨ଶହ ମିଟର ଅଞ୍ଚଳ ମଧ୍ୟରେ ୫ଜଣ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ରିତ ହୋଇପାରିବେ ନାହିଁ। ମତଦାନ କେନ୍ଦ୍ରର ୨ଶହ ମିଟର ପରିସୀମା ମଧ୍ୟରେ ସରକାରୀ ଦାୟିତ୍ୱ ନିର୍ବାହ କରୁଥିବା ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାର ଯାନବାହନ ପାର୍କିଂ କରାଯାଇପାରିବ ନାହିଁ। ପ୍ରାଧିକୃତ କେନ୍ଦ୍ରର ଶହେ ମିଟର ପରିସୀମା ମଧ୍ୟରେ ସେଲୁଲାର ଫୋନ, କର୍ଡଲେସ ଫୋନ ବ୍ୟବହାର ନିଷେଧ। କୌଣସି ବ୍ୟକ୍ତି ଏହି ନିୟମ ଉଲ୍ଲଂଘନ କଲେ ଭାରତୀୟ ପିଙ୍ଗଳ କୋଡ ଧାରା ୧୮୮ ଅନୁଯାୟୀ ଦଣ୍ଡିତ ହେବେ।

## ୧୪୩ ସମ୍ବେଦନଶୀଳ, ୧୦ ଅତି ସମ୍ବେଦନଶୀଳ ବୁଥ୍

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ଶୃଙ୍ଖଳିତ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ଡିଆଇଜି(ଏସ୍‌ପି ଦାୟିତ୍ୱ) ଅବିନାଶ କୁମାର ସୂଚନା ଦେଇଛନ୍ତି। ଖୋର୍ଦ୍ଧା ପୋଲିସ ଅଧୀନରେ ବେଗୁନିଆ, ଖୋର୍ଦ୍ଧା, ଚିଲିକା ସମେତ ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉତ୍ତର ଖୋର୍ଦ୍ଧାର କେତେକ ମତଦାନ କେନ୍ଦ୍ରକୁ ମିଶାଇ ୪ ନିର୍ବାଚନ ମଣ୍ଡଳୀ ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୭୯୧ ମତଦାନ କେନ୍ଦ୍ର ରହିଛି। ସେଥି ମଧ୍ୟରୁ ୧୪୩ ସମ୍ବେଦନଶୀଳ ଏବଂ ୧୦ଟି ଅତି ସମ୍ବେଦନଶୀଳ ବୁଥ୍ ରହିଥିବା ବେଳେ ଏହି ବୁଥ୍‌ଗୁଡିକରେ ଲାଇଫ ଷ୍ଟ୍ରିମିଂ ହେବ। ସଖୀ ବୁଥ୍‌ରେ ପ୍ରିଜାଇଡିଂ ଅଫିସରଙ୍କଠାରୁ ଆରମ୍ଭ କରି ପୋଲିଂ ଅଫିସର ଓ ସଶସ୍ତ୍ର ମହିଳା ପୋଲିସ ଡ୍ୟୁଟିରେ ରହିବେ। କେବଳ ସମ୍ବେଦନଶୀଳ ବୁଥ୍ ନୁହଁ, ଗଣ୍ଡଗୋଳ ଆଶଙ୍କା ଥିବା ବୁଥ୍‌ର ସିଧାସଳଖ ଚିତ୍ର ଜିଲାପାଳଙ୍କ ଅଫିସ ସହ ସଂଯୋଗ ରହିବ। ନିର୍ବାଚନ ପରିଚାଳନା ପାଇଁ ୩ଜଣ ଅତିରିକ୍ତ ଏସ୍‌ପି ୩ଟି ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ରହିବେ। ନିର୍ବାଚନ ପାଇଁ ୧୦ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ହେବେ। ୬ ଡିଏସ୍‌ପି, ଆଇଆଇସି ୬, ଏସ୍‌ଆଇ ଓ ଏଏସ୍‌ଆଇ ୧୫୧, ହାବିଲଦାର ୯୦, କନଷ୍ଟେବଲ ଓ ହୋମଗାର୍ଡ ୧୧୩୦ ମୁତୟନ ରହିବେ। ଜନସାଧାରଣଙ୍କ ମତଦାନ ଦୃଷ୍ଟିରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବୁଥ୍‌ରେ ନିୟୋଜିତ କର୍ମୀ କଣ୍ଟ୍ରୋଲ ରୁମ୍ ସହିତ ସିଧାସଳଖ ବୁଥ୍‌ର ପ୍ରତ୍ୟେକ ସମୟର ସ୍ଥିତି ଯଥା ପୋଲିଂ ସ୍ଥିତି, ଧାଡିରେ ଅପେକ୍ଷା କରିଥିବା ଭୋଟର, ବିଶୃଙ୍ଖଳା ହେଲେ ଫଟୋ, ଭିଡିଓ ପଠାଇପାରିବେ।

# ଶୃଙ୍ଖଳିତ ମତଦାନ ଉପରେ ଗୁରୁତ୍ୱ


ନିରାକାରପୁରର ଏକ ମତଦାନ କେନ୍ଦ୍ର।

ନିରାକାରପୁର,୨୪।୫
(ମାନସ ଚନ୍ଦ୍ର ପଟ୍ଟନାୟକ )

ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ମତଦାନ କେନ୍ଦ୍ରରେ ଗ୍ରୀଷ୍ମ ଦାଉରୁ ମୁକ୍ତି ନିମନ୍ତେ ଟେଣ୍ଟ ବ୍ୟବସ୍ଥା ସହ ପିଇବା ପାଣି, ଦିବ୍ୟାଙ୍ଗମାନଙ୍କ ପାଇଁ ଟ୍ରଲି ସାଇକେଲ ବ୍ୟବସ୍ଥା କରାଯାଇଛି। ସମସ୍ତ ପୋଲିଂପାର୍ଟି ନିଜ ବୁଥ୍‌ରେ ମଧ୍ୟ ପହଞ୍ଚି ସାରିଛନ୍ତି। ଶାନ୍ତି ଶୃଙ୍ଖଳାରେ ମତଦାନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି।

## ୨୭ରୁ କେଡିସିଏ ବାର୍ଷିକ ପ୍ରତିଯୋଗିତା

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ(କେଡିସିଏ)ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଷ୍ଟାଡିୟମଠାରେ ଆସନ୍ତା ୨୭ ଓ ୨୮ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପୁରୁଷ ମହିଳା, ବାଳକ ଓ ବାଳିକା ବର୍ଗରେ ୨୩, ୨୦, ୧୮, ୧୬ ଓ ୧୪ବର୍ଷରୁ କମ୍ ବର୍ଗରେ ଖେଳକୁଦ ଅନୁଷ୍ଠିତ ହେବ। ଏଥିରୁ ଖେଳାଳିମାନଙ୍କ ପ୍ରଦର୍ଶନକୁ ଆଧାର କରି ଜୁନ୍ ପହିଲାରୁ ୩ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ଦୌଡକୁଦ ପ୍ରତିଯୋଗିତା ଲାଗି ଖୋର୍ଦ୍ଧା ଜିଲା ଖେଳାଳି ଚୟନ କରାଯିବ। ଏଥିରେ ଅଂଶଗ୍ରହଣ ପାଇଁ ବୟସ ପ୍ରମାଣପତ୍ର ଭାବେ ଆଧାରକାର୍ଡ, ସ୍କୁଲ ସାର୍ଟିଫିକେଟ ଓ ଜନ୍ମ ପ୍ରମାଣପତ୍ର ଦାଖଲ କରିବେ। ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଆସୋସିଏଶନ ସହ ଅନୁବନ୍ଧିତ ଅନୁଷ୍ଠାନ ଓ କ୍ଲବ୍‌ର କ୍ରୀଡ଼ାବିତମାନେ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ଜଣାଇଛନ୍ତି।

# ନାବାଳିକା ଅପହରଣକାରୀ ଗିରଫ

ଭୁବନେଶ୍ୱର,୨୪।୫ (ସୂର୍ଯ୍ୟକାନ୍ତ ବେହେରା)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଫେରାର ଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ସୋନୁ ବେହେରା (୧୯)। ପୋଲିସ ତାଙ୍କୁ କୋର୍ଟରେ ହାଜର ପରେ ଜାମିନ ନ ମିଳିବାରୁ ଝାରପଡା ଜେଲ ହାଜତକୁ ପଠାଇ ଦେଇଛି।

ଝିଅକୁ ଅପହରଣ ନେଇ ନାବାଳିକାଙ୍କ ମା’ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଅଭିଯୋଗକାରିଣୀ ଜଣକ ଇନ୍‌ଫୋସିଟି ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ଅଭିଯୁକ୍ତ ଜଣକ ଗତ କିଛିଦିନ ହେବ ତାଙ୍କ ନାବାଳିକା ଝିଅଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲେ। ଘଟଣା ଦିନ ଘରେ କେହି ପରିବାର ସଦସ୍ୟ ନ ଥିବା ସୁଯୋଗରେ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେବା ସହିତ ବଳାତ୍କାର କରିଥିଲେ। ଝିଅକୁ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କିଛି ଖୋଜ ଖବର ନ ମିଳିବାରୁ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ନଂ.୨୩୩/୨୪ ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତ ୧୯ ତାରିଖରେ ପୋଲିସ ବିଶସ୍ତ ସୂତ୍ରରୁ ସୂଚନା ପାଇ ଖୋର୍ଦ୍ଧାସ୍ଥିତ ମଧୁପୁର ଅଞ୍ଚଳରେ ଚଢାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ହେଲେ ଅଭିଯୁକ୍ତ ସୋନୁ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଶୁକ୍ରବାର ପୋଲିସ ପୁନର୍ବାର ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ପ୍ରଗତି ଅନ୍ତରାଳେ ଖୋଜାପଡ଼ିଛି ‘ମାଗୁଣିର ଶଗଡ଼’

ଭୁବନେଶ୍ୱର,୨୪।୫(ଶର୍ମିଷ୍ଠା ପାଣିଗ୍ରାହୀ)


ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ ‘ମାଗୁଣିର ଶଗଡ଼’ର ଏକ ଦୃଶ୍ୟ।

ସମୟର ଚକ ନିରନ୍ତର ଘୂରିବୁଲୁଥାଏ, ଠିକ୍ ମାଗୁଣି ଶଗଡ଼ର ଚକ ଘୂରି ବୁଲୁଥିବା ପରି। ତା’ ସାଙ୍ଗରେ ତାଳଦେଇ ଆଗକୁ ଆଗକୁ ଗଡ଼ିଚାଲେ ପ୍ରଗତିର ଚକ। ଆଉ ସେହି ପ୍ରଗତିଶୀଳ ରଥଚକ ଦିନେ ଶିଳ୍ପ ବିପ୍ଲବକୁ ସ୍ୱାଗତ କରି ଆଣିଥିଲା। ଆଉ ଆମେ ତାକୁ ଉତ୍ସାହର ସହିତ କରତାଳି ଦେଇ ସ୍ୱାଗତ ମଧ୍ୟ କରିଥିଲୁ। କ୍ରମେ ସେହି ପ୍ରଗତିର ହାତଧରି ପଛକୁ ପଛ ଆମ ସମାଜ ଭିତରକୁ ପଶି ଆସିଲେ ଅନେକ ଯନ୍ତ୍ର-ଦାନବ ଭିନ୍ନଭିନ୍ନ ରୂପରେ, ବେଶରେ। ଆମ ଆଖି ଆଗରୁ ଶଗଡ଼ ସହିତ ତା’ର ବଳଦ ବି ଗାଁ, ଦାଣ୍ଡରୁ ଉଭେଇଗଲା। ଆଉ ମାଗୁଣି ଭଳି କେତେ ନିରୀହ ମଣିଷ ସବୁ ପ୍ରଗତିର ସେହି ରଥଚକ ତଳେ ପେଷି ହୋଇ ମରି ହଜି ଗଲେଣି। ଏବେ ସେହି ପ୍ରଗତି ତା’ର ମହାକାଳ ଭଳି ପାଟି ଆଁ କରି ସମଗ୍ର ମାନବ ସଭ୍ୟତାକୁ ଗ୍ରାସ କରିବାକୁ ବସିଛି। ଏହିଭଳି ପ୍ରଗତିର ରଥଚକ ଯଦି ଅନ୍ଧଭଳି ମାଡ଼ିଚାଲେ, ତା’ହେଲେ କିଏ ଜାଣେ କାଲି ଏ ପୃଥିବୀରେ ଆଉ ମଣିଷ ନ ଥିବେ। ରହିଥିବେ ରୋବଟ, ଆଉ ଏଆଇ ଭଳି ଯନ୍ତ୍ର ମଣିଷ ସବୁ। ସେତେବେଳେ ଆମର ଉତ୍ତର ପୁରୁଷ ସବୁ ଆମକୁ କ୍ଷମା କରିବେ ତ ? ତଥାପି ଆଗକୁ ମାଡ଼ି ଚାଲିଛୁ, ଅଥଚ ପଛକୁ ଫେରିବାର ଉପାୟ ନାହିଁ। ଏଥରୁ ନିସ୍ତାର ପାଇବାର ବାଟ କିଛି ମିଳନ୍ତା କି...ଆମ ‘ମାଗୁଣି’ କାନରେ ଯାଇ କହିଦେଇ ଆସନ୍ତେ, ବଞ୍ଚି ଯାଆନ୍ତା ବିଚରା ମାଗୁଣି, ଆଉ ତା’ର କାଳିଆ, କଷରା ଭଳିଆ ବଳଦ। ପ୍ରଗତିର ଅନ୍ତରାଳେ ଆଜି ପୁଣି ମାଗୁଣିର ଶଗଡ଼ ଖୋଜା ପଡ଼ିଛି। ଏଭଳି ଏକ ମନଛୁଆଁ କାହାଣୀକୁ ନେଇ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ ‘ମାଗୁଣିର ଶଗଡ଼’ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନକୁ ବେଶ୍ ଆନ୍ଦୋଳିତ କରିଥିଲା। ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା ଷଷ୍ଠ ଜାତୀୟ ନାଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ପ୍ରସାଦ ମହାରଣା। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ପ୍ରମୁଖ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ନାଟ୍ୟକାର ମନୋଜ ପଟ୍ଟନାୟକ, ନାଟ୍ୟକାର ସତ୍ୟବ୍ରତ ରାଉତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ରୋଟାରିଆନ ସୌମ୍ୟରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ସମ୍ପାଦକ ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଭାଗବତ ସମ୍ମିଳନୀ ଉଦ୍‌ଯାପିତ

ବେଗୁନିଆ,୨୪।୫
(ହର ପ୍ରସନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)


ଭାଗବତ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଗ୍ରାମବାସୀ।

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମ ସ୍ଥିତ ଭାଗବତ ଦେବଙ୍କ ପୀଠ ପରିସରରେ ଆୟୋଜିତ ଦୁଇ ଦିନିଆ ଭାଗବତ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଭାଗବତର ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ବର୍ଷକୁ ଥରେ ବୁଦ୍ଧ ପୂର୍ଣ୍ଣମୀ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ନୟାଗଡ଼, କଟକ, ଖୋର୍ଦ୍ଧା ଏବଂ ପୁରୀ ଜିଲାର ବହୁ ପଣ୍ଡିତ ବିଦ୍ୱାନଗଣ ଏବଂ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଧନେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମ ସନ୍ଧ୍ୟାରେ ଭାଗବତ ପୁରାଣ ଏକାଦଶ ସ୍କନ୍ଦର ଦ୍ୱାଦଶ ଅଧ୍ୟାୟ ‘ସତ୍‌ସଙ୍ଗର ମହିମା’ ଏବଂ ଉଦ୍‌ଯାପନୀ ଦିବସରେ ୧୪ତମ ଅଧ୍ୟାୟ ‘ଭକ୍ତି ଯୋଗ’ ବିଷୟବସ୍ତୁ ସମ୍ପର୍କରେ ପଣ୍ଡିତ ବିଦ୍ୱାନ ଅଖିଳେଶ ପଣ୍ଡା, ତପନ କୁମାର ପଣ୍ଡା, ଗୋପୀନାଥ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ପବିତ୍ର କୁମାର ପୃଷ୍ଟି ପ୍ରମୁଖ ଆଲୋଚନା କରିଥିଲେ। ସେହିପରି ଗୌରହରି ପଣ୍ଡା, ସୀତାକାନ୍ତ ପାଣିଗ୍ରାହୀ, ଗୋକୁଳ ଚନ୍ଦ୍ର ତ୍ରିପାଠୀ, ବାନାମ୍ବର ପଣ୍ଡା ପ୍ରମୁଖ ଛାନ୍ଦ ପାଠ କରିଥିଲେ। ସାମାଜିକ କର୍ମୀ ବନ ବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ପରେ ସମ୍ମିଳନୀ ଉଦ୍‌ଯାପିତ ହୋଇଥିଲା। ହେଲେ ଆଧୁନିକତାର ଚାକଚକ୍ୟ ମଧ୍ୟରେ ହଜିଯିବାକୁ ବସିଲାଣି ‘ଭାଗବତ’ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ହିନ୍ଦୁ ଧର୍ମର ଅନ୍ୟତମ ମହାନ୍ ଗ୍ରନ୍ଥ ତଥା ଅଷ୍ଟାଦଶ ମହାପୁରାଣ ମଧ୍ୟରେ ଶ୍ରେଷ୍ଠ କୁହାଯାଉଥିବା ‘ଭାଗବତ’ ଆଜି ହିନ୍ଦୁ ବହୁଳ ରାଷ୍ଟ୍ରରେ ଅବହେଳିତ ହୋଇଯାଇଛି। ଏହି ଧର୍ମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଟୁଙ୍ଗି ଆଜି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଛି। ଅନୁଦାନ ଓ ଆନ୍ତରିକତା ଅଭାବରୁ ଟୁଙ୍ଗି ପୁନରୁଦ୍ଧାର ଯୋଜନା ବାଟବଣା ହୋଇଯାଇଛି। ଫଳରେ ଖୋଲା ଆକାଶ ତଳେ ସଭାର ଆୟୋଜନ କରିବାକୁ ପଡୁଛି। ୨୦୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଟୁଙ୍ଗି ପୁନରୁଦ୍ଧାର ପାଇଁ ସଂସ୍କୃତି ବିଭାଗ ଜରିଆରେ ୨୫ ହଜାର ଟଙ୍କା ସହାୟତା ରାଶି ଯୋଗାଇଦେଇ ପୁଣି ଅଧାରୁ ବନ୍ଦ କରିଦେଲେ। ଏଭଳି ଉଦ୍ଦେଶ୍ୟ ଭାଗବତପ୍ରେମୀମାନଙ୍କୁ ହତୋତ୍ସାହିତ କରିଛି ବୋଲି ରମେଶ ଚନ୍ଦ୍ର ପଣ୍ଡା, ବଳଭଦ୍ର ପଣ୍ଡା, ପ୍ରସନ୍ନ କୁମାର ପଣ୍ଡା, ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ କହିଛନ୍ତି।



ରାଜ୍ୟରେ ଶନିବାର ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ 'ସଖୀ' ବୁଥ୍ କରାଯାଇଛି। ଏଥିରେ ନିୟୋଜିତ ମହିଳା ପୋଲିଂ ଅଫିସର ଓ କର୍ମଚାରୀମାନେ ଶୁକ୍ରବାର ବିଜେବି କଲେଜ କାଉଣ୍ଟରରୁ ଇଭିଏମ୍, ଭିଭିପିଏଟି ଓ ଅନ୍ୟାନ୍ୟ ଜିନିଷପତ୍ର ଧରି ଉତ୍ସାହର ସହ ବୁଥ୍ ଅଭିମୁଖେ ଯାଉଛନ୍ତି।



ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ୍ ପ୍ରବେଶ ପଥ ସମ୍ମୁଖରେ ଭୋଟରଙ୍କୁ ସ୍ୱାଗତ ପାଇଁ ରହିଥିବା 'ଓଲି'। ଏହାକୁ ସରକାରୀ ଆଇଟିଆଇ ଭୁବନେଶ୍ୱର ପକ୍ଷରୁ ତିଆରି କରାଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୨୪।୫(ଲିଙ୍ଗରାଜ ରାଉତ):** ତ୍ରିଶୂଳିଆ-ବାରଙ୍ଗ ମୁଖ୍ୟ ରାସ୍ତାପାର୍ଶ୍ୱରୁ ଶୁକ୍ରବାର ବାରଙ୍ଗ ଥାନା ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଫୁଲପୋଖୋରୀ ଗ୍ରାମର କାଳିଆ ବାରିକ। ସୂଚନା ମୁତାବକ, ରାତି ପ୍ରାୟ ସାଢ଼େ ୮ଟାରେ ଫୁଲପୋଖୋରୀ ଗ୍ରାମ ନିକଟ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତାକଡ଼ରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୪) ରୁଜୁକରି ତଦନ୍ତ ଚଳାଇଛି।

### ମାଛ ବୋଝେଇ ଗାଡ଼ି ଧକ୍କାରେ ୬ ପୋଲିସ ଗୁରୁତର

**ସାଲେପୁର,୨୪।୫(ଅରବିନ୍ଦ ଭୂୟାଁ):** କଟକ-ସାଲେପୁର ରାସ୍ତାର ଭାତପଡ଼ା ନିକଟରେ ରାସ୍ତାକଡ଼ରେ ଛିଡା ହୋଇଥିବା ବାଟାଲିୟାନ ପୋଲିସ ଭ୍ୟାନ୍‌କୁ ଏକ ମାଛ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କା ଦେଇଛି। ଫଳରେ ଭ୍ୟାନରେ ଥିବା ୬ଜଣ ପୋଲିସ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ହାବିଲଦାର ଚନ୍ଦ୍ରଶେଖର ସେଠୀ, ଅକ୍ଷୟ କୁମାର ମହାନ୍ତି, ସିପାହି ରୁଦ୍ରେଶ୍ୱର ପଣ୍ଡା, ଲକ୍ଷ୍ମୀ ମହାନ୍ତି, ଅନିରୁଦ୍ଧ ପଲାଇ ଓ ରୋଷେୟା ହାଡ଼ିବନ୍ଧୁ ସେଠୀ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ଏନେଇ ଥାନାରେ ମାମଲା ନଂ. ୨୨୨/୨୪ ରୁଜୁ କରାଯାଇଥିବାବେଳେ ଧକ୍କାଦେଇଥିବା ପିକ୍‌ଅପ୍‌କୁ ଜବତ ରଖି ତଦନ୍ତ ଚଳାଇଛି। ଦୁର୍ଘଟଣାରେ ଉଭୟ ଗାଡି କ୍ଷତିଗ୍ରସ୍ତ ହୋଇଛି। ପୋଲିସ ସୂଚନାନୁସାରେ, ଗୁରୁବାର ରାତି ପ୍ରାୟ ୧ଟା ୪୫ରେ କଟକରୁ ଏକ ବାଟାଲିୟାନ୍ ପୋଲିସ ଭ୍ୟାନ୍ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ଭାତପଡ଼ା ନିକଟରେ ପୋଲିସ ଗାଡିଟି ଅଟକି ଥିବାବେଳେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ମାଛ ବୋଝେଇ ଗାଡିଟି ତାକୁ ଧକ୍କା ଦେଇଥିଲା।

# ସମ୍ଭାବ୍ୟ ବର୍ଷା ମୁକାବିଲା ପାଇଁ ବିଏମ୍‌ସିର ପ୍ରସ୍ତୁତି

**ଭୁବନେଶ୍ୱର, ୨୪।୫ (ବନ୍ଦନା ସେଠୀ)**

**୨୬ରୁ କାର୍ଯ୍ୟ କରିବ କଣ୍ଟ୍ରୋଲ୍ ରୁମ୍**

ବଙ୍ଗୋପସାଗରରେ ହେବାକୁ ଥିବା ବାତ୍ୟା ପାଇଁ ଆସନ୍ତା ୨୬ ଓ ୨୭ ତାରିଖରେ ଓଡିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ଏହି ପୂର୍ବାନୁମାନ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବର୍ଷା ମୁକାବିଲା ପାଇଁ ପ୍ରସ୍ତୁତ ହୋଇଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି, ବର୍ଷା ପାଇଁ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରେ ଏଯାବତ କୌଣସି ବିପଦ ସୂଚନା ନ ଥିଲେ ମଧ୍ୟ ହଠାତ୍ ହେଉଥିବା ବର୍ଷାକୁ ଏଡାଇ ଦିଆଯାଇ ପାରିବନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଜଳବନ୍ଦୀକୁ ସାମ୍ନା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନଗରଯନ୍ତ୍ରୀ ବିଳାସ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ କଣ୍ଟ୍ରୋଲ୍ ରୁମ୍ ୨୬ ତାରିଖରୁ କାର୍ଯ୍ୟ କରିବ। ଡ୍ରେନେଜ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ଏହାର ମୁଖ୍ୟ ଦାୟିତ୍ୱରେ ରହିବେ। ଜଳବନ୍ଦୀଜନିତ ସମସ୍ୟାରେ ଥିବା ନାଗରିକମାନେ ଆବଶ୍ୟକତା ବା ଜରୁରୀ ସହାୟତା ନିମନ୍ତେ ଟୋଲ୍ ଫ୍ରି ନଂ.୧୯୨୯ କିମ୍ବା ସ୍ୱତନ୍ତ୍ର ଫୋନ୍ ନଂ. ୭୮୦୯୮୯୬୬୨୧ କୁ ଫୋନ୍ କରି ଜଣାଇପାରିବେ। ଏହା ୨୬ ତାରିଖରୁ କାର୍ଯ୍ୟ କରିବ। ବର୍ଷାର ଗତିବିଧି ଅନୁସାରେ ଏହି କଣ୍ଟ୍ରୋଲ୍ ରୁମ୍‌ର ଅବଧିକୁ ବଢ଼ାଯିବ କିମ୍ବା କମାଯିବ। ବିଏମ୍‌ସି ଅଞ୍ଚଳରେ ୫୬ଟି ଜଳବନ୍ଦୀ ଅଞ୍ଚଳ ଚିହ୍ନଟ ହୋଇଥିବାବେଳେ ଏଥିପାଇଁ ଆବଶ୍ୟକ ଜଳ ନିଷ୍କାସନ ପମ୍ପ ପ୍ରସ୍ତୁତ ହୋଇ ରହିଛି। ଆବଶ୍ୟକ ପଡିଲେ ଅଗ୍ନିଶମ ବିଭାଗଠାରୁ ବଡ ପମ୍ପ ସେଟ୍ ଅଣାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ସହରରେ ଜିରୋ କାଜୁଆଲ୍‌ଟି, ତୁରନ୍ତ ଉଦ୍ଧାର ଏବଂ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ପରିମଳ ଏବଂ ଅନ୍ୟାନ୍ୟ ସେବା ନିମନ୍ତେ ଟିମ୍ ବିଏମ୍‌ସି ସଜାଗ ରହିଛି ଏବଂ ସଂଯୁକ୍ତ ବିଭାଗର ସହଯୋଗ ରହିଛି। ତେଣୁ ନାଗରିମାନେ କୌଣସି ପ୍ରକାରେ ଭୟଭୀତ ନ ହେବାପାଇଁ ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି।

# ସକାଳ ୭ରୁ ସନ୍ଧ୍ୟା ୬ ମତଦାନ

**ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଶନିବାର ଭୋଟ ଗ୍ରହଣ ହେବ। ୧୯୨୩ ବୁଥ୍‌ରେ ୧୯ଲକ୍ଷ ୬ହଜାର ୫୧୮ ଭୋଟର ମତଦାନ କରିବେ। ଏଥିପାଇଁ ସମସ୍ତ ପୋଲିଂ ପାର୍ଟି ନିର୍ଦ୍ଧାରିତ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ମତଦାନ ପରେ ପୋଲିଂପାର୍ଟି ଇଭିଏମ୍ ଓ ଭିଭିପିଏଟି ମେଶିନ ନିର୍ଦ୍ଧାରିତ ଷ୍ଟ୍ରଙ୍ଗରୁମ୍‌ଠାରେ ଦାଖଲ କରିବେ। ଭୋଟର ପରିଚୟପତ୍ର ବ୍ୟତୀତ ଭାରତ ନିର୍ବାଚନ ଆୟୋଗ ଉଲ୍ଲେଖ କରିଥିବା ଯେକୌଣସି ପରିଚୟପତ୍ର ଦେଖାଇ ମତଦାନ କରିପାରିବେ।

# ପ୍ରଫେସର ଶରଣଜିତ ସିଂହ କିଟ୍ ବିଶ୍ୱବିଦ୍ୟାଳୟର ନୂଆ କୁଳପତି



**ଭୁବନେଶ୍ୱର, ୨୪।୫(ଅସମାପିକା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଶରଣଜିତ ସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି। କୁଳପତି ଚୟନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ବିଭିନ୍ନ ପ୍ରକ୍ରିୟା ଅନୁସରଣ ସହ ଆବେଦନକାରୀଙ୍କ ପୂରା ରେକର୍ଡ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଫେସର ସିଂହଙ୍କ ନାମ କୁଳାଧିପତି ଅଶୋକ ପରିଜାଙ୍କ ନିକଟକୁ ପଠାଯାଇଥିଲା। ଶିକ୍ଷାଦାନ ଓ ପ୍ରଶାସନିକ ଅଭିଜ୍ଞତା ସମେତ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ କୁଳାଧିପତି ପରିଜା ପ୍ରଫେସର ସିଂହଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ଦେଇଥିଲେ। ପ୍ରଫେସର ସିଂହ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ୧୧ତମ କୁଳପତି। କିଟ୍ ବିଶ୍ୱବିଦ୍ୟାଳୟ ଆରମ୍ଭରୁ ଏହାର କୁଳପତି ଭାବେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ କାର୍ଯ୍ୟ କରିଛନ୍ତି। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଫେସର ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଫେସର ଶରଣଜିତ ସିଂହଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ଆଗକୁ ଆହୁରି ସଫଳତା ହାସଲ କରିବ ବୋଲି ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି।

# ପ୍ରଗତି ଅନ୍ତରାଳେ ଖୋଜାପଡ଼ିଛି 'ମାଗୁଣିର ଶଗଡ଼'



ପରିବେଷିତ ନାଟକ 'ମାଗୁଣିର ଶଗଡ଼'ର ଏକ ଦୃଶ୍ୟ।

**ଭୁବନେଶ୍ୱର,୨୪।୫(ଶର୍ମିଷ୍ଠା ପାଣିଗ୍ରାହୀ)**

**ଷଷ୍ଠ ଜାତୀୟ ନାଟ୍ୟମହୋତ୍ସବ ଆରମ୍ଭ**

ସମୟର ଚକ ନିରନ୍ତର ଘୂରିବୁଲୁଥାଏ, ଠିକ୍ ମାଗୁଣି ଶଗଡ଼ର ଚକ ଘୂରି ବୁଲୁଥିବା ପରି। ତା' ସାଙ୍ଗରେ ତାଳଦେଇ ଆଗକୁ ଆଗକୁ ଗଡ଼ିଚାଲେ ପ୍ରଗତିର ଚକ। ଆଉ ସେହି ପ୍ରଗତିଶୀଳ ରଥଚକ ଦିନେ ଶିଳ୍ପ ବିପ୍ଳବକୁ ସ୍ୱାଗତ କରି ଆଣିଥିଲା। ଆଉ ଆମେ ତାକୁ ଉତ୍ସାହର ସହିତ କରତାଳି ଦେଇ ସ୍ୱାଗତ ମଧ୍ୟ କରିଥିଲୁ। କ୍ରମେ ସେହି ପ୍ରଗତିର ହାତଧରି ପଛକୁ ପଛ ଆମ ସମାଜ ଭିତରକୁ ପଶି ଆସିଲେ ଅନେକ ଯନ୍ତ୍ର-ଦାନବ ଭିନ୍ନଭିନ୍ନ ରୂପରେ, ବେଶରେ। ଆମ ଆଖି ଆଗରୁ ଶଗଡ଼ ସହିତ ତା'ର ବଳଦ ବି ଗାଁ, ଦାଣ୍ଡରୁ ଉଭେଇଗଲା। ଆଉ ମାଗୁଣି ଭଳି କେତେ ନିରୀହ ମଣିଷ ସବୁ ପ୍ରଗତିର ସେହି ରଥଚକ ତଳେ ପେଷି ହୋଇ ମରି ହଜି ଗଲେଣି। ଏବେ ସେହି ପ୍ରଗତି ତା'ର ମହାକାଳ ଭଳି ପାଟି ଆଁ କରି ସମଗ୍ର ମାନବ ସଭ୍ୟତାକୁ ଗ୍ରାସ କରିବାକୁ ବସିଛି। ଏହିଭଳି ପ୍ରଗତିର ରଥଚକ ଯଦି ଅନ୍ଧଭଳି ମାଡ଼ିଚାଲେ, ତା'ହେଲେ କିଏ ଜାଣେ କାଲି ଏ ପୃଥିବୀରେ ଆଉ ମଣିଷ ନ ଥିବେ। ରହିଥିବେ ରୋବଟ, ଆଉ ଏଆଇ ଭଳି ଯନ୍ତ୍ର ମଣିଷ ସବୁ। ସେତେବେଳେ ଆମର ଉତ୍ତର ପୁରୁଷ ସବୁ ଆମକୁ କ୍ଷମା କରିବେ ତ? ତଥାପି ଆଗକୁ ମାଡ଼ି ଚାଲିଛୁ, ଅଥଚ ପଛକୁ ଫେରିବାର ଉପାୟ ନାହିଁ। ଏଥରୁ ନିସ୍ତାର ପାଇବାର ବାଟ କିଛି ମିଳନ୍ତା କି...ଆମ 'ମାଗୁଣି' କାନରେ ଯାଇ କହିଦେଇ ଆସନ୍ତେ, ବଞ୍ଚି ଯାଆନ୍ତା ବିଚରା ମାଗୁଣି, ଆଉ ତା'ର କାଳିଆ, କଷରା ଭଳିଆ ବଳଦ। ପ୍ରଗତିର ଅନ୍ତରାଳେ ଆଜି ପୁଣି ମାଗୁଣିର ଶଗଡ଼ ଖୋଜା ପଡ଼ିଛି। ଏଭଳି ଏକ ମନଛୁଆଁ କାହାଣୀକୁ ନେଇ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ମାଗୁଣିର ଶଗଡ଼' ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନକୁ ବେଶ୍ ଆନ୍ଦୋଳିତ କରିଥିଲା। ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା ଷଷ୍ଠ ଜାତୀୟ ନାଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ପ୍ରସାଦ ମହାରଣା। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ପ୍ରମୁଖ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ନାଟ୍ୟକାର ମନୋଜ ପଟ୍ଟନାୟକ, ନାଟ୍ୟକାର ସତ୍ୟବ୍ରତ ରାଉତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ରୋଟାରିଆନ ସୋମ୍ୟରଞ୍ଜନ ମିଶ୍ର, ଅନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

## ନାବାଳିକା ଅପହରଣକାରୀ ଗିରଫ

**ଭୁବନେଶ୍ୱର,୨୪।୫ (ସୂର୍ଯ୍ୟକାନ୍ତ ବେହେରା)**

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଫେରାର ଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ସୋନୁ ବେହେରା (୧୯)। ପୋଲିସ ତାଙ୍କୁ କୋର୍ଟରେ ହାଜର ପରେ ଜାମିନ ନ ମିଳିବାରୁ ଝାରପଡା ଜେଲ ହାଜତକୁ ପଠାଇ ଦେଇଛି। ଝିଅକୁ ଅପହରଣ ନେଇ ନାବାଳିକାଙ୍କ ମା' ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଅଭିଯୋଗକାରିଣୀ ଜଣକ ଇନ୍‌ଫୋସିଟି ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ଅଭିଯୁକ୍ତ ଜଣକ ଗତ କିଛିଦିନ ହେବ ତାଙ୍କ ନାବାଳିକା ଝିଅଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲେ। ଘଟଣା ଦିନ ଘରେ କେହି ପରିବାର ସଦସ୍ୟ ନ ଥିବା ସୁଯୋଗରେ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେବା ସହିତ ବଳାତ୍କାର କରିଥିଲେ। ଝିଅକୁ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କିଛି ଖୋଜ ଖବର ନ ମିଳିବାରୁ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ନଂ.୨୩୩/୨୪ ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତ ୧୯ ତାରିଖରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଖୋର୍ଦ୍ଧାସ୍ଥିତ ମଧୁପୁର ଅଞ୍ଚଳରେ ଚଢାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ହେଲେ ଅଭିଯୁକ୍ତ ସୋନୁ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଶୁକ୍ରବାର ପୋଲିସ ପୁନର୍ବାର ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ଗୁଣନିଧି ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ




**ପୁରୁଣା ଭୁବନେଶ୍ୱର,୨୪।୫ (ସୁବାସ ଚନ୍ଦ୍ର ପ୍ରଧାନ)**

ବିଶିଷ୍ଟ ସମାଜସେବୀ, ଭୁବନେଶ୍ୱରର ପ୍ରଥମ ନଗରପାଳ ତଥା କେଦାରନାଥ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ସଭାପତି ଗୁଣନିଧି ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦାର୍ଶନିକ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ମୁଖ୍ୟ ଅତିଥି, ସାହିତ୍ୟିକ ଡ. ସୁରେନ୍ଦ୍ର କୁମାର ମହାରଣା ସମ୍ମାନିତ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଗୋପାଳକୃଷ୍ଣ ଦାଶ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ ଓ ସୁଶ୍ରୀ ଗାୟତ୍ରୀ ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସୁଜାତା ମହାପାତ୍ର, ଆଦିତ୍ୟ ମହାପାତ୍ର, ଅରବିନ୍ଦ ମହାପାତ୍ର, ସୀତାବଲ୍ଲଭ ମହାପାତ୍ର, ନିର୍ମଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ସାମାଜିକକର୍ମୀ ପର୍ଶୁରାମ ଦ୍ୱିବେଦୀଙ୍କୁ 'ଗୁଣନିଧି ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମାନପତ୍ର ପାଠ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।




ଶ୍ରୀମୟୀ ନୃତ୍ୟାନୁଷ୍ଠାନ ପକ୍ଷରୁ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ 'ଶ୍ରୀମୟୀ ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।




ପୁରୀ ବେଳାଭୂମିରେ ଶୁକ୍ରବାର ୫ଶହ କେଜି ଆମ୍ବରେ ପ୍ରସ୍ତୁତ ବାଲୁକା କଳା ମାଧ୍ୟମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମତଦାନ ନେଇ ସଚେତନତା ବାର୍ତ୍ତା ଦେଉଛନ୍ତି।

## ସ୍କୁଟିରୁ ୧ ଲକ୍ଷ ଟଙ୍କା ଜବତ

କଟକ ସଦର,(ସୁଶାନ୍ତ କୁମାର ଜେନା): ନିର୍ବାଚନ ପରିପ୍ରେକ୍ଷୀରେ ୪୨ ମୌଜା ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଶୁକ୍ରବାର ରାତିରେ ଉକ୍ତ ଥାନା ଅନ୍ତର୍ଗତ ଶ୍ରୀରାମ ବଜାର ନିକଟରେ ପୋଲିସ ଏକ ସ୍କୁଟିଡିକିରୁ ୧ ଲକ୍ଷ ଟଙ୍କା ଜବତ କରିଛି। ପଚରାଉଚରା କରିବାରୁ ସ୍କୁଟି ଚାଳକ ଜଣଙ୍କ ଉକ୍ତ ଟଙ୍କା ବାବଦରେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ସାକ୍ଷୀଙ୍କ ଉପସ୍ଥିତିରେ ପୋଲିସ ଉକ୍ତ ଟଙ୍କା ଜବତ କରି ଥାନାକୁ ଆଣିଥିବା ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।



ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସରୁ ଶୁକ୍ରବାର ପୋଲିଂ ପାର୍ଟି ଇଭିଏମ୍, ଭିଭିପିଏଟି ମେଶିନ ନେଇ ବିଭିନ୍ନ ବୁଥ୍ ଅଭିମୁଖେ ଯାଉଛନ୍ତି।



କଟକ ଡଗରପଡା ଅନାଥାଶ୍ରମ ଉ.ପ୍ରା. ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ପାଇଁ ପ୍ରସ୍ତୁତି ଚାଲିଛି।

# କଟକ ସହରାଞ୍ଚଳରେ ୬୨୭ ବୁଥ୍

**କଟକ,୨୪।୫ (କାର୍ତ୍ତିକ ସାହୁ)**

କଟକ ଜିଲାର ୬ଟି ନିର୍ବାଚନମଣ୍ଡଳୀରେ ଶନିବାର ମତଦାନ ଅନୁଷ୍ଠିତ ହେବ। ଜିଲାର ବଡ଼ମ୍ବା, ବାଙ୍କୀ, ଆଠଗଡ଼, ଚୌଦ୍ୱାର-କଟକ, ବାରବାଟୀ-କଟକ ଓ କଟକ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍‌ରେ ପୋଲିଂ ପାର୍ଟି ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପହଞ୍ଚି ସାରିଛନ୍ତି। ତେବେ କଟକ ସଦର ସବ୍‌ଡିଭିଜନ ଅନ୍ତର୍ଗତ ଚୌଦ୍ୱାର-କଟକ, ବାରବାଟୀ-କଟକ ଓ କଟକ ସଦର ନିର୍ବାଚନମଣ୍ଡଳୀ ନିମନ୍ତେ ପୋଲିଂ ପାର୍ଟିକୁ ଇଭିଏମ୍, ଭିଭିପିଏଟି ସମେତ ଭୋଟ ଗ୍ରହଣ ସଂକ୍ରାନ୍ତୀୟ ସାମଗ୍ରୀ ପ୍ରଦାନ କାର୍ଯ୍ୟ ସକାଳୁ ଆରମ୍ଭ ହୋଇଥିଲା। ଏଥିପାଇଁ ନରାଜସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ମହାନଦୀ କ୍ୟାମ୍ପସରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସେଠାରୁ ପୋଲିଂ ପାର୍ଟିମାନେ ନିର୍ଦ୍ଧାରିତ ଗାଡ଼ିରେ ବୁଥ୍ ଅଭିମୁଖେ ଯାତ୍ରା କରିଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ବାଙ୍କୀ ଓ ଆଠଗଡ଼ ସବ୍‌ଡିଭିଜନରେ ପୃଥକ ଭାବେ ପୋଲିଂ ପାର୍ଟିଗୁଡ଼ିକ ଭୋଟ ସାମଗ୍ରୀ ଧରି ଗନ୍ତବ୍ୟ ବୁଥ୍‌ରେ ପହଞ୍ଚିଛନ୍ତି। ଶୁକ୍ରବାର ରାତି ସୁଦ୍ଧା ବୁଥ୍‌ଗୁଡ଼ିକରେ ସମସ୍ତ ପ୍ରକ୍ରିୟା ଶେଷ କରି ମତଦାନ ନିମନ୍ତେ ପ୍ରସ୍ତୁତ କରାଯାଇଛି। କେବଳ ଭୋଟରଙ୍କ ଆଗମନକୁ ଅପେକ୍ଷା କରାଯାଇଛି। ସମସ୍ତେ ଅବାଧ, ଭୟଶୂନ୍ୟ ଓ ନିରପେକ୍ଷ ଭାବେ ମତଦାନ କରିବାକୁ ଜିଲା ନିର୍ବାଚନ ଅଧିକାରୀ ଡାକୁଆ ନିବେଦନ କରିଛନ୍ତି।

କଟକ ସହରାଞ୍ଚଳରେ ମୋଟ୍ ୬୨୭ ବୁଥ୍ ହୋଇଛି। ସେଥିମଧ୍ୟରୁ ୧୦୬ ପିଙ୍କ୍ ଓ ୧୫ଟି ଅକ୍‌ଜିଲାରି ବୁଥ୍ ରହିଛି। ତେବେ ଅବାଧ, ଭୟଶୂନ୍ୟ ଓ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଜଣେ ଡିସିପି, ୪ ଜଣ ଅତିରିକ୍ତ ଡିସିପି, ୧୦ ଏସିପି, ୨୬ ଆଇଆଇସି, ୧୭୨ ଜଣ ଏସ୍‌ଆଇ/ଏଏସ୍‌ଆଇ, ୬୬୪ ଏପିଆର୍, ୩୩୦ ଜଣ ହୋମଗାର୍ଡ୍‌ଙ୍କ ସମେତ ୨୪ ସେକ୍ସନ୍ ଓଏସ୍‌ଏପି ଫୋର୍ସ ମୁତୟନ କରାଯାଇଛି। କ୍ରିଟିକାଲ ଓ କ୍ଲଷ୍ଟର ବୁଥ୍‌ଗୁଡ଼ିକରେ ୮ କମ୍ପାନୀ ସିଏପି ଫୋର୍ସ ମୁତୟନ କରାଯାଇଛି। ନିର୍ବାଚନ ସମୟରେ ୫୩ଟି ମୋବାଇଲ ପାଟ୍ରୋଲିଂ ପାର୍ଟି, ୧୯ଟି ସେକ୍ଟର ମୋବାଇଲ୍ ପାର୍ଟି, ୧୯ ଫ୍ଲାଇଂ ସ୍କ୍ୱାଡ୍, ୧୯ଟି ଏସ୍‌ଏସ୍‌ଟି ଓ ୯ଟି ଭିଏସ୍‌ଟି ମୁତୟନ କରାଯାଇଛି। ପୂରା ପୋଲିସ ନଜରରେ ସମସ୍ତ ବୁଥଗୁଡ଼ିକୁ ରଖିବାକୁ ପ୍ରୟାସ କରାଯାଇଛି। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଆପ୍ ମାଧ୍ୟମରେ ମୋବାଇଲ୍ ପାର୍ଟିଗୁଡ଼ିକ ମଧ୍ୟରେ ସମନ୍ୱୟ ରଖାଯାଉଛି। ଯଦ୍ୱାରା କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ତାହାର ମୁକାବିଲା କରିହେବ।

**ଆଜି କଟକ ଜିଲାର ୬ ନିର୍ବାଚନ ମଣ୍ଡଳୀରେ ମତଦାନ**

## ଫ୍ଲାଗ୍‌ମାର୍ଚ୍ଚ, ଗାଡ଼ି ଯାଞ୍ଚ କଡ଼ାକଡ଼ି

ଗୁରୁବାର ଅପରାହ୍ନ ୫ଟାରୁ କଟକ ଜିଲାର ଉପରୋକ୍ତ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। କଟକ ସହରାଞ୍ଚଳ ପୋଲିସର ୧୯ଟି ଥାନା ଅଧୀନରେ ଜନସାଧାରଣଙ୍କ ମନରେ ମତଦାନ ପାଇଁ ସେମାନେ ସୁରକ୍ଷିତ ବୋଲି ଧାରଣା ସୃଷ୍ଟି କରାଯାଉଛି। ଏଥିସହ ସହରର ପ୍ରବେଶ ପଥ ସମେତ ସହର ମଧ୍ୟରେ ଯାନବାହନ ଯାଞ୍ଚକୁ କଡାକଡି କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ପୁରୀଘାଟ ଥାନା ପୋଲିସ ପକ୍ଷରୁ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରାଯାଇଛି। ଜଗତପୁର ଥାନା ଅନ୍ତର୍ଗତ ଖରାକିଆ, ଚୌଦ୍ୱାର ଥାନା ଅଞ୍ଚଳର ନୂଆପାଟଣା, କଟକ ସଦର ଥାନାର ବ୍ରାହ୍ମଣଝରିଲୋ, କନ୍ଦରପୁର ଥାନା ଅଧୀନ ଅଥଙ୍ଗା ଛକ ଏବଂ ବାରଙ୍ଗ ଥାନା ଅଞ୍ଚଳର ମୁଣ୍ଡଳିଠାରେ ଚେକ୍‌ପୋଷ୍ଟ କରାଯାଇଛି।



ପୁରୀଘାଟ ଥାନା ସମ୍ମୁଖ ରାସ୍ତାରେ ପୋଲିସ ଗାଡ଼ି ଯାଞ୍ଚ କରୁଛି।

## ଲିଫ୍ ଆର୍ଟରେ ଭୋଟରଙ୍କୁ ସଚେତନ

**କଟକ,୨୪।୫(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଭୋଟ ଦେବା ପାଇଁ କଟକ ବିଦ୍ୟାଧରପୁର ଅଞ୍ଚଳର ସୂର୍ଯ୍ୟନାରାୟଣ ନାୟକ ଲିଫ୍ ଆର୍ଟ ମାଧ୍ୟମରେ ଭୋଟରଙ୍କୁ ସଚେତନ କରିଛନ୍ତି। ଦୀପକ କୁମାର ନାୟକ ଓ ମାଳିନୀ ସ୍ୱାଇଁଙ୍କ ପୁଅ ସୂର୍ଯ୍ୟ ୮ ଇଞ୍ଚର ଅଶ୍ୱତ୍ଥ ପତ୍ରରେ ୟୋର ଭୋଟ୍ ୟୋର ଫ୍ୟୁଚର ଚିତ୍ର ଆଙ୍କିଛନ୍ତି। ପତ୍ର ଉପରେ ଚିତ୍ର ଆଙ୍କି ତାହାକୁ ସୁନ୍ଦର ଭାବେ କାଟି ୧୦ ମିନିଟ୍‌ରେ ଏହି ଆର୍ଟ ତିଆରି କରିଛନ୍ତି ସୂର୍ଯ୍ୟ। ଏନେଇ ସୂର୍ଯ୍ୟ କହିଛନ୍ତି, ଗୋଟିଏ ଭୋଟ୍ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ନେତାଙ୍କ ଭାଗ୍ୟ ବଦଳାଇଥାଏ। ଭୋଟ୍ ଦେବା ପାଇଁ କେତେଜଣ ନାରାଜ ଥିବାବେଳେ ଆଉ କେତେଜଣ ଠିକ୍ ନିଷ୍ପତ୍ତି ନ ନେଇ ଭୋଟ୍ ଦେଇଥାନ୍ତି। ତେଣୁ ସେମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଆର୍ଟ ପ୍ରସ୍ତୁତ କରିଛି। ଆପଣଙ୍କ ଭୋଟ୍ ଆପଣଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ତେଣୁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ସେ କହିଛନ୍ତି।




## ୨୨ ଲିଟର ମଦ ଜବତ, ୨ଗିରଫ

**ସାଲେପୁର,୨୪।୫(ଅରବିନ୍ଦ ଭୂୟାଁ)**

ନିର୍ବାଚନୀ ପରିପ୍ରେକ୍ଷୀରେ ସାଲେପୁର ପୋଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ଉ କରାଯାଇ ୨୨ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଏହି ଥାନା ଅଧୀନ ଧର୍ମାଗତପୁର ଗ୍ରାମର ସରୋଜ କୁମାର ଦାସ ନିଜ ଗ୍ରାମ ନିକଟରେ ଗୁରୁବାର ରାତିରେ ଚୋରା ଦେଶୀ ମଦ ବିକ୍ରି କରୁଥିଲେ। ଏହି ସମୟରେ ପୋଲିସ ଚଢ଼ଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୧୯/୨୪) ରୁଜୁ ହୋଇଛି। ସେହିପରି ମାତନଗର ଗ୍ରାମର କାହ୍ନୁଚରଣ ବେହେରା ନିଜ ଗ୍ରାମରେ ଚୋରାରେ ମଦ ବିକ୍ରି କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୨ ଲିଟର ମଦ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୨୦/୨୪) ରୁଜୁ କରିଛି।

## ବିଜେଡି କର୍ମୀ ସମାବେଶ



**ନିଶ୍ଚିନ୍ତକୋଇଲି,୨୪।୫(ଅଶୋକ କୁମାର ମହାପାତ୍ର)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଶୁକରପଡ଼ା ଓ ବାଲିଆପଦା ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଓଡିଶା ଏବେ ପ୍ରଗତିଶୀଳ ରାଜ୍ୟ ବୋଲି କହିଥିଲେ। ମାହାଙ୍ଗାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବାବେଳେ ବଳକା କାର୍ଯ୍ୟକୁ ଖୁବ୍‌ଶୀଘ୍ର ଶେଷ କରାଯିବ ବୋଲି ଜେନା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେ କେନ୍ଦ୍ରାପଡା L\\\\କ୍ଷେତ୍ରର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଙ୍କିତ ଯୋଗଦେଇ ଯୁବକମାନଙ୍କ ପାଇଁ ଆତ୍ମନିଯୁକ୍ତି ଉପରେ ଜୋର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଜ୍ୟୋତିପ୍ରକାଶ ସ୍ୱାଇଁ, କଲାମ ଖାଁ, କୈଳାସ ସାମନ୍ତରାୟ, ଶିପ୍ରା ସାମନ୍ତରାୟ, ଶୁକରପଡା ସରପଞ୍ଚ ମନୋଜ ମଲିକ, ବାଲିଆପଦା ସରପଞ୍ଚ ଜୟନ୍ତୀ ଜେନା, ଅରୁଣ ସାମନ୍ତରାୟ, ରେଖାରାଣୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨ ପଞ୍ଚାୟତରେ କର୍ମୀ ଓ ନେତୃମଣ୍ଡଳୀଙ୍କ ଦ୍ୱାରା ରୋଡ୍ ଶୋ' କରାଯାଇଥିଲା।

## ଦୋକାନରୁ ଝୁଲନ୍ତା ମୃତଦେହ ଜବତ

**ସାଲେପୁର,୨୪।୫(ଅରବିନ୍ଦ ଭୂୟାଁ)**

ସାଲେପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଏକ ଦୋକାନରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ଦୋକାନର ମାଲିକ ଭାସ୍କର ନାୟକ(୫୦)। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଭାସ୍କର ଦଉଡ଼ି ଦେଇ ଦୋକାନରେ ଆତ୍ମହତ୍ୟା କରିଥିବା ଶାଳକ କ୍ଷୀରୋଦ ପରିଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୪/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଦୁର୍ଘଟଣାରେ ୬ ପୋଲିସ କର୍ମଚାରୀ ଗୁରୁତର

**ସାଲେପୁର,୨୪।୫(ଅରବିନ୍ଦ ଭୂୟାଁ)**

କଟକ-ସାଲେପୁର ରାସ୍ତାର ଭାତପଡ଼ା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୬ ପୋଲିସ କର୍ମଚାରୀ ଗୁରୁତର ହୋଇଛନ୍ତି। ରାସ୍ତାକଡ଼ରେ ଛିଡା ହୋଇଥିବା ବାଟାଲିୟନ୍ ପୋଲିସ ଭ୍ୟାନକୁ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଛି। ଫଳରେ ଭ୍ୟାନ୍‌ରେ ଥିବା ୨ଜଣ ହାବିଲଦାର ଓ ୪ଜଣ ସିପାହି ଗୁରୁତର ହୋଇଛନ୍ତି। ସେମାନେ ହେଲେ ହାବିଲଦାର ଚନ୍ଦ୍ରଶେଖର ସେଠୀ, ଅକ୍ଷୟ କୁମାର ମହାନ୍ତି, ସିପାହି ରୁଦ୍ରେଶ୍ୱର ପଣ୍ଡା, ଲକ୍ଷ୍ମୀ ମହାନ୍ତି, ଅନିରୁଦ୍ଧ ପଲାଇ ଓ ରୋଷେୟା ହାଡ଼ିବନ୍ଧୁ ସେଠୀ। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୨୨/୨୪) ରୁଜୁ କରି ପିକ୍‌ଅପ୍ ଭ୍ୟାନକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଭାଙ୍ଗିଯାଇଥିବାବେଳେ ଭ୍ୟାନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ରାତି ପ୍ରାୟ ୧ଟା ୪୫ ମିନିଟ୍‌ରେ କଟକରୁ ଏକ ବାଟାଲିୟନ୍ ପୋଲିସ ଭ୍ୟାନ୍ କେତେଜଣ କର୍ମଚାରୀଙ୍କୁ ନେଇ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ଭାତପଡ଼ା ନିକଟରେ ଭ୍ୟାନ୍ ଚାଳକ ରାସ୍ତାର ବାମପାର୍ଶ୍ୱରେ ଗାଡ଼ି ରଖିଥିଲେ। ଏହି ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ପୋଲିସ ଭ୍ୟାନ୍‌କୁ ଧକ୍କା ଦେଇଥିଲା।



ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି।

**ପୋଲିସ ଗାଡ଼ିକୁ ଧକ୍କା ଦେଲା ମାଛ ବୋଝେଇ ପିକ୍‌ଅପ୍**

## ଶିବିରରୁ ୪୬ ୟୁନିଟ୍ ରକ୍ତ ସଂଗ୍ରହ




**ସାଲେପୁର,୨୪।୫(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ମାଳଶାସନ ଗ୍ରାମର ଶ୍ରୀ ଶ୍ରୀ ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ମୁଖ୍ୟ ରମେଶ ଚନ୍ଦ୍ର ଜେନା, ମାଳଶାସନ ପଞ୍ଚାୟତର ସମିତିସଭ୍ୟ ଅମରେନ୍ଦ୍ର ବେହୁରା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ତ୍ରିବେଣୀଶ୍ୱର ଏଲ୍.ଏମ୍. ହସ୍ପିଟାଲର ମୁଖ୍ୟ ମହେଶ କୁମାର ଲେଙ୍କା ଓ ରୋଟାରୀ କ୍ଲବ୍ ଅଫ୍ କଟକ ପକ୍ଷରୁ ରୋଟାରିୟାନ୍ ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶୁଭ୍ରକାନ୍ତ ଜେନା, ଅମରେଶ ଗାୟା, ଶିବାନୀ ପ୍ରସାଦ ଲେଙ୍କା, ସୁଜିତ୍ ମହାନ୍ତି, ଗୋବର୍ଦ୍ଧନ ବେହେରା, ତନ୍ମୟ ଦାଶ, ପ୍ରଭାତ ସାହୁ, ସମ୍ପର୍କ ରଞ୍ଜନ ଲେଙ୍କାଙ୍କ ସମେତ ମହୋତ୍ସବ କମିଟିର ସଭ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାର ପକ୍ଷରୁ ଡା. ଟୁନୁ ଭରଦିଆ, ରାମଚନ୍ଦ୍ର ଖଟୁଆ, ବିଷ୍ଣୁପ୍ରସାଦ ଘୋଷ, ଚିନ୍ମୟ ସାହୁ, ବିଜୟ ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ଭୋଟ ଦେଇ ମୌଳିକ ଅଧିକାରର ମୂଲ୍ୟ ବଢ଼ାନ୍ତୁ

**କଟକ,୨୪।୫ (ଦିବାକର ସାହୁ) ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଭୋଟରମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବେ। ଇଭିଏମ୍‌ରେ ସିଲ୍ ହେବ ପ୍ରାର୍ଥୀଙ୍କ ଭାଗ୍ୟ। ପ୍ରାର୍ଥୀମାନେ ଭୋଟରଙ୍କୁ ମନାଇବାକୁ କରିଥିବା ପ୍ରୟାସ କେତେ ସଫଳ ହେବ ତାହା ନିର୍ବାଚନ ଫଳ ପ୍ରକାଶ ପାଇବା ଦିନ ଜଣାପଡିବ। ତେବେ ବିଭିନ୍ନ ସମସ୍ୟା ସମାଧାନ କରିପାରିବା କ୍ଷମତା ଥିବା ଦଳର ପ୍ରାର୍ଥୀଙ୍କୁ ବାଛିବା ପାଇଁ ଭୋଟରମାନେ ମତପ୍ରକାଶ କରିଛନ୍ତି।**

“ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଏକ ବଡ଼ ପର୍ବ। ଭୋଟରମାନେ ମତଦାନ ମାଧ୍ୟମରେ ଉପଯୁକ୍ତ ନେତା ବାଛିଥାନ୍ତି। ହେଲେ ବଡ଼ ଦୁଃଖର ବିଷୟ କେତେଜଣ ଜନସାଧାରଣ କିଛିଟା ଟଙ୍କା ପାଇଁ ନିଜର ମୌଳିକ ଅଧିକାର ବିକ୍ରି କରିଦେଉଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଭୋଟ୍ ଦେଶର ଉପଯୁକ୍ତ ପ୍ରାର୍ଥୀ ଚୟନ କ୍ଷେତ୍ରରେ ବହୁତ ମୂଲ୍ୟବାନ। ତେଣୁ ଉପଯୁକ୍ତ ପ୍ରାର୍ଥୀ ବାଛି ମୌଳିକ ଅଧିକାରର ମୂଲ୍ୟ ବଢ଼ାନ୍ତୁ।



**କଲ୍ୟାଣୀ ଦାସ, ଯୁବ ଭୋଟର**

“ଭାରତ କୃଷିପ୍ରଧାନ ଦେଶ। ହେଲେ କୃଷକଙ୍କ ପାଇଁ ସେତେଟା ଉନ୍ନତିମୂଳକ କାର୍ଯ୍ୟ କରାଯାଉନାହିଁ। ସେ କେନ୍ଦ୍ର ସରକାର ହେଉ ଅବା ରାଜ୍ୟ ସରକାର, କୃଷକଙ୍କୁ କେବଳ କିଛି ଟଙ୍କା ସହାୟତା ଦେଇ ଚୁପ୍ ବସିଯାଉଛନ୍ତି। ସେମାନଙ୍କୁ ଉପଯୁକ୍ତ ତାଲିମ ଓ ଆଧୁନିକ ଯନ୍ତ୍ରପାତି ମିଳୁନି। ଫଳରେ ବାରମ୍ବାର ସେମାନେ ଆନ୍ଦୋଳନ କରୁଛନ୍ତି। ତେଣୁ ସରକାର ବାଛିବା ପୂର୍ବରୁ କୃଷକ ପରିବାର ଏଥିପ୍ରତି ଧ୍ୟାନ ଦିଅନ୍ତୁ। ଯେଉଁ ସରକାର ଆସିଲେ ଚାଷୀକୁଳର ଉନ୍ନତି ହେବ ସେ ଦଳକୁ ବାଛନ୍ତୁ।



**ସୌରଭ କୁମାର ଦାସ, ଯୁବ ଭୋଟର**

“ଗଣତନ୍ତ୍ର ରାଷ୍ଟ୍ରର ସଚେତନ ନାଗରିକ ହିସାବରେ ଭୋଟ ଦେବା ଆମର ପ୍ରଥମ କର୍ତ୍ତବ୍ୟ। ବିଭିନ୍ନ ରାଜନୈତିକ ଦଳରୁ ବହୁ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। କିନ୍ତୁ ଯେଉଁ ପ୍ରାର୍ଥୀ ସବୁ ସମୟରେ ଜନସାଧାରଣଙ୍କ ସୁଖଦୁଃଖରେ ଛିଡ଼ା ହୋଇଥିବେ, ନିର୍ବାଚନ ସମୟରେ ଦେଉଥିବା ପ୍ରତିଶ୍ରୁତି ପାଳନ କରିବାର ଜିଦ୍ ସେମାନଙ୍କର ଥିବ, ନିର୍ବାଚନ ପରେ ସାଧାରଣ ଜନତା ସିଧାସଳଖ ତାଙ୍କୁ ନିଜର ଅଭିଯୋଗ ଓ ଅସୁବିଧା ଜଣାଇ ପାରୁଥିବେ ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଦରକାର।



**ଶୁଭ ପ୍ରକାଶ ନାୟକ, କର୍ମଜୀବୀ**

“ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ଆବଶ୍ୟକ। ହେଲେ କେତେଜଣ ଅସାଧୁ ପ୍ରାର୍ଥୀ ସୋମାନଙ୍କର କୁଜିନେତାଙ୍କୁ ଲଗାଇ ବିଭିନ୍ନ ସ୍ଥାନରେ ଭୋଜି କରି ଲୋକଙ୍କୁ ଖୁଆଇବା ସହ ସେମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଶପଥ କରାଉଛନ୍ତି। ଆଉ କିଛି ଟଙ୍କା ଧରାଇ ଦେଉଛନ୍ତି। ସେମାନେ ଏଭଳି କରି ଭୋଟ କିଣି ନେଉଛନ୍ତି। ଫଳରେ ଉପଯୁକ୍ତ ପ୍ରାର୍ଥୀ ନିର୍ବାଚନ ଜିତିପାରୁନାହାନ୍ତି। ଏଥିପ୍ରତି ଭୋଟରମାନେ ସତର୍କ ହେବା ଆବଶ୍ୟକ।



**ସିଦ୍ଧାର୍ଥ ଧଳ, ଯୁବ ଭୋଟର**

“ଦେଶରେ ଦିନକୁ ଦିନ ବେରୋଜଗାରି ବୃଦ୍ଧି ପାଇବାରେ ଲାଗିଛି। ସ୍ନାତକ ପାସ୍ କଲାପରେ ଚାକିରି ପାଇବା ସ୍ୱପ୍ନ ହୋଇଯାଉଛି। କାରଣ ଯଦି ଗୋଟିଏ ପୋଷ୍ଟକୁ ହଜାର ହଜାର ଆଶାୟୀ ବାହାରିବେ ତେବେ ସାଧାରଣ ପିଲାଟିଏ ପାଇଁ ଏହା ଅସମ୍ଭବ ହୋଇଯିବ। ଏହା ଏବେ ଦେଶ ପାଇଁ ଗୁରୁତର ସମସ୍ୟା ପାଲଟିଛି। ସେଥିପାଇଁ ଆମକୁ ଭଲ ସରକାର ବାଛିବାକୁ ପଡ଼ିବ, ଯିଏକି ଏହି ସମସ୍ୟା ଦୂର କରିବାରେ ସହାୟକ ହେବ।



**ଶୁଭସ୍ମିତା ଦାସ, ଯୁବ ଭୋଟର**

# ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ରୋଜଗାର ସୁଯୋଗ

**ବକୁଲ ଫାଉଣ୍ଡେଶନରେ 'ରୁଟିଂ ଫର୍ ରେଜିଲେନ୍ସ'**

**୨୦୩୦ ସୁଦ୍ଧା ସୃଷ୍ଟି ହେବ ୩୭ଲକ୍ଷ ନିଯୁକ୍ତି**

ଭୁବନେଶ୍ୱର,୨୪।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଜଳବାୟୁ ପରିବର୍ତ୍ତନ ଆଜିର ଦିନରେ ଏକ ଉତ୍କଟ ସମସ୍ୟା ଭାବେ ଦେଖାଦେଇଛି। ଏ ଦିଗରେ ଅଧିକ ସଚେତନତା କରିବା ପାଇଁ ବକୁଳ ଫାଉଣ୍ଡେଶନଠାରେ ଶୁକ୍ରବାର 'ରୁଟିଂ ଫର୍ ରେଜିଲେନ୍ସ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଜଳବାୟୁ ପରିବର୍ତ୍ତନ ଦିଗରେ କାମ କରି କିଭଳି ଆମେ ଅର୍ଥ ଉପାର୍ଜନ କରିପାରିବା ଅର୍ଥାତ ଚାକିରି ପାଇପାରିବା। ଏହି ପ୍ରୋଜେକ୍ଟ ଦ୍ୱାରା ଭାରତରେ ୨୦୩୦ ସୁଦ୍ଧା ୩.୭ ମିଲିୟନ୍ (୩୭ ଲକ୍ଷ) ଚାକିରି ସୃଷ୍ଟିର ଯୋଜନା ରଖାଯାଇଛି। ଏଥିରେ ଓଡ଼ିଶା ମଧ୍ୟ ସାମିଲ ହୋଇଛି। ଓଡ଼ିଶାର କୋଣ ଅନୁକୋଣରୁ ପ୍ରାୟ ୪୦ଜଣ ଯୁବତୀଯୁବକ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି। ଯୁବ ପରିବେଶବତ୍ ସଞ୍ଜୁ ସୋମନ କାର୍ଯ୍ୟକ୍ରମରେ ଯୋଗଦେଇ ଏହା ଉପରେ ବ୍ୟାପକ ଆଲୋଚନା କରିଥିଲେ। ତାଙ୍କ ସହ ସୁସ୍ତେରା ଫାଉଣ୍ଡେଶନର ଦୀପା ଏ. ରୋଶନୀ ମଧ୍ୟ ଆବଶ୍ୟକ ଦକ୍ଷତା ଓ ଜଳବାୟୁ ସମ୍ପର୍କିତ ଚାକିରି ସମ୍ପର୍କରେ କହିଥିଲେ। ଜଳବାୟୁ ପରିବର୍ତ୍ତନକୁ ବୃତ୍ତିଗତ ଭାବେ ନେବାରେ ରୁଟିଂ ଫର୍ ରେଜିଲେନ୍ସ ପ୍ରମୁଖ ମାଧ୍ୟମ ସାଜିବା ସହ ଯୁବପିଢ଼ିଙ୍କୁ ଭବିଷ୍ୟତରେ ଏଭଳି ପ୍ରଭାବଶାଳୀ କାମ ଓ ସବୁଜ ପରିବେଶ ତିଆରି କରିବାରେ ଏକ ସେତୁ ସାଜିବ ବୋଲି ସେ କହିଥିଲେ। ଉପସ୍ଥିତ ଯୁବତୀଯୁବକ ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ କିଭଳି ହେଉଛି ସେ ନେଇ ମଧ୍ୟ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ଥାନୀୟ ସମସ୍ୟା ଓ ନିରନ୍ତର ପ୍ରତିକାର ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ବକୁଳ ଫାଉଣ୍ଡେଶନ, ୟୁଥ୍ ଫର୍ ୱାଟର, ଆଇୱାଇସିଏନ୍, ଏଏସ୍ଏଆର୍ ଓ ସୁସ୍ତେରା ଫାଉଣ୍ଡେଶନର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# 'ଆର୍ଦ୍ରଭୂମି ସଂରକ୍ଷଣରେ ଯୁବପିଢ଼ି ସାମିଲ ହୁଅନ୍ତୁ'



ଯୁବ ପରିବେଶବିତ୍ ସଞ୍ଜୁ ସୋମନ

*ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଆହ୍ୱାନ ଦେଇଛି। ଏଭଳି ସ୍ଥିତିରେ ପରିବେଶ କ୍ଷେତ୍ରରେ କାମ କରିବା ପାଇଁ ଯୁବପିଢ଼ିଙ୍କ ଆଗ୍ରହ ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଏ କ୍ଷେତ୍ରରେ କାମ କରିବା ଏକ ରୁଚି ନୁହେଁ, ବୃତ୍ତି ମଧ୍ୟ ହୋଇପାରିବ ବୋଲି ଆର୍ଦ୍ରଭୂମି ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା କେରଳର ୨୮ ବର୍ଷୀୟ ଯୁବ ପରିବେଶବିତ ସଞ୍ଜୁ ସୋମନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଉ ସେଥିପାଇଁ ସେ 'ରୁଟିଙ୍ଗ ଫର୍ ରେଜିଲେନ୍ସ' ନାମରେ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଆସିଥିବାବେଳେ ତାଙ୍କ ସହିତ 'ଧରିତ୍ରୀ'ର ସ୍ୱତନ୍ତ୍ର ସାକ୍ଷାତ୍କାର।*

–ଅସମାପିକା ସାହୁ, ଭୁବନେଶ୍ୱର

**●'ରୁଟିଙ୍ଗ ଫର୍ ରେଜିଲେନ୍ସ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ?**

ଜଳବାୟୁ କ୍ଷେତ୍ରରେ ଅଧିକ ଦକ୍ଷ ଲୋକ ନାହାନ୍ତି। କାରଣ ଅନେକଙ୍କ ଚିନ୍ତାଧାରା ରହିଛି, ଏହି କ୍ଷେତ୍ରରେ ସ୍ୱେଚ୍ଛାସେବୀମାନେ କେବଳ କାର୍ଯ୍ୟ କରିଥାନ୍ତି। କିନ୍ତୁ ପ୍ରକୃତରେ ଚାକିରି ବା ରୋଜଗାର ପାଇଁ ଏହା ଏକ ହବ୍। ଯୁବପିଢ଼ି ଏହି କ୍ଷେତ୍ରରେ କ୍ୟାରିୟର ଯୋଜନା କରି ଲକ୍ଷାଧିକ ଟଙ୍କା ରୋଜଗାର କରିପାରିବେ। ତେଣୁ ଏହାକୁ ଦୃଷ୍ଟିରେ ରଖି ଆମେ 'ରୁଟିଙ୍ଗ ଫର୍ ରେଜିଲେନ୍ସ' କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଏହି କାର୍ଯ୍ୟକ୍ରମ ଜରିଆରେ ଆଗ୍ରହୀ ଯୁବତୀଯୁବକଙ୍କୁ ଏ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସଚେତନ କରୁଛୁ। ଏବେ ଓଡ଼ିଶା ଆସିଛୁ। ଓଡ଼ିଶାର ଯୁବପିଢ଼ି କିଭଳି ଏ ଦିଗରେ କାର୍ଯ୍ୟ କରିପାରିବେ ସେ ନେଇ ଆମେ କାର୍ଯକ୍ରମ ଆୟୋଜନ କରିଛୁ।

**● ଆର୍ଦ୍ରଭୂମି ସଂରକ୍ଷଣ ପାଇଁ କାହିଁକି ଚିନ୍ତାକଲେ?**

ଆର୍ଦ୍ରଭୂମିକୁ ଆମେ ନଷ୍ଟ କରି ତାହାକୁ କଂକ୍ରିଟ ଜଙ୍ଗଲ କରୁଛେ, ଯାହା ବନ୍ୟାକୁ ଆମନ୍ତ୍ରଣ କରିବା ସହିତ ସମାନ। କାରଣ ବନ୍ୟା ରୋକିବାରେ ଆର୍ଦ୍ରଭୂମିର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ସେହିପରି ମିଥେନ୍ ମ୍ୟାନେଜମେଣ୍ଟକୁ ମଧ୍ୟ ଆର୍ଦ୍ରଭୂମି ସହଯୋଗ କରିଥାଏ। ଏଥିସହିତ ଏହା ଉପରେ ବହୁ ଲୋକ ଜୀବିକା ନିର୍ବାହ କରିଥାନ୍ତି। ଏହାଛଡ଼ା ଆର୍ଦ୍ରଭୂମିରେ ଥିବା ହେନ୍ତାଳ ବନ ମାଛ ପ୍ରଜନନରେ ମଧ୍ୟ ସାହାଯ୍ୟ କରିଥାଏ। ତେଣୁ ଏହାର ସଂରକ୍ଷଣ ନିତାନ୍ତ ଆବଶ୍ୟକ।

**●ଓଡ଼ିଶାର ଆର୍ଦ୍ରଭୂମି ଉପରେ କାମ କରିବାକୁ ଯୋଜନା ରହିଛି କି?**

ଓଡ଼ିଶାର ଆର୍ଦ୍ରଭୂମି ନେଇ ମୁଁ ବିଶେଷ କିଛି ଜାଣିନାହିଁ। ଚିଲିକା ବିଷୟରେ ଶୁଣିଛି। ତେବେ ଆଗକୁ ଓଡ଼ିଶାରେ କାମ କରିବା ପାଇଁ ଚିନ୍ତା କରିଛି।

**●ଆର୍ଦ୍ରଭୂମି ସଂରକ୍ଷଣରେ ଯୁବପିଢ଼ିଙ୍କ ଭୂମିକା କ'ଣ ରହିବା ଉଚିତ?**

ନବସୃଜନ ହେଉଛି ଯୁବକମାନଙ୍କର ସବୁଠାରୁ ବଡ଼ ଅବଦାନ। ଭାରତ ଭଳି ଦେଶରେ ଯୁବକମାନେ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣି ସ୍ଥିରତା ଭଳି ଗୁଣ ଦେଖାଇବା ଆବଶ୍ୟକ।

**●ଏଥିରେ ସରକାରଙ୍କ କ'ଣ ଭୂମିକା ରହିବା କଥା।**

ପଞ୍ଚାୟତ ଭଳି ସ୍ଥାନୀୟ ସରକାରୀ ସଂସ୍ଥାଗୁଡ଼ିକୁ ଜଳବାୟୁ ସମସ୍ୟା ପରିଚାଳନାରେ କ୍ଷମତା ଦିଆଯିବା ଆବଶ୍ୟକ। କାରଣ ସେମାନେ ହିଁ କ୍ଷେତ୍ର ସ୍ତରରେ ବାସ୍ତବତା ସହିତ ଅଧିକ ସଂଯୁକ୍ତ ଅଛନ୍ତି। କେରଳର ପ୍ରତ୍ୟେକ ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ରହିଛି। ବିପର୍ଯ୍ୟୟ ସମସ୍ୟାର ମୁକାବିଲା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ସଶକ୍ତୀକରଣ କରାଯିବା ସହିତ ଅର୍ଥ ମଧ୍ୟ ପ୍ରଦାନ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାରେ ସରକାରୀ ସ୍ତରରେ ଏଭଳି ହେବା ଉଚିତ।

# ସହରୀକରଣ ପାଇଁ ଭାରତରେ ୬୦% ତାପମାତ୍ରା ବଢ଼ିଛି

ଭୁବନେଶ୍ୱର,୨୪।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ସହରରେ କେବଳ ସହରୀକରଣ ପାଇଁ ୬୦% ତାପମାତ୍ରା ବୃଦ୍ଧି ପାଇଛି। ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଗବେଷଣାକାରୀଙ୍କ ଦ୍ୱାରା ହୋଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। 'ନେଚର୍ ସିଟିଜ୍' ଜର୍ନାଲରେ ପ୍ରକାଶିତ 'ସହରୀକରଣ ଏବଂ ଆଞ୍ଚଳିକ ଜଳବାୟୁ ପରିବର୍ତ୍ତନ-ସଂଯୁକ୍ତ ଭାରତୀୟ ସହରଗୁଡ଼ିକର ଉଷ୍ମତା' ଶୀର୍ଷକ ଏହି ଅଧ୍ୟୟନ ହେଉଛି ଏ କ୍ଷେତ୍ରରେ ପ୍ରଥମ ଗବେଷଣା, ଯାହା କି ଏକାଧିକ ସହରରେ ଆଞ୍ଚଳିକ ଜଳବାୟୁ ପରିବର୍ତ୍ତନ ଏବଂ ସହରୀକରଣକୁ ଯତ୍ନର ସହିତ ପୃଥକ କରି ଅନ୍ତର୍ନିହିତ ସୂଚନା ପ୍ରଦାନ କରୁଛି। ଏହି ଅଧ୍ୟୟନରେ ସହରଗୁଡିକରେ ତାପମାତ୍ରା ବୃଦ୍ଧି ପରିପ୍ରେକ୍ଷୀରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତର ୧୪୧ ପ୍ରମୁଖ ସହରରେ ଦେଖାଯାଇଥିବା ଭୂପୃଷ୍ଠ ଉତ୍ତାପରେ ସ୍ଥାନୀୟ-ସହରୀକରଣ ଏବଂ ଆଞ୍ଚଳିକ ଜଳବାୟୁ ପରିବର୍ତ୍ତନର ଅବଦାନ ଅନୁସନ୍ଧାନ କରାଯାଇଛି । ୨୦୦୩ରୁ ୨୦୨୦ ମଧ୍ୟରେ ନାସାର ଆକ୍ୱା ଉପଗ୍ରହରେ ମୋଡିଆଇଏସ୍ ସେନ୍ସରରୁ ୧୮ ବର୍ଷର ଉଚ୍ଚ-ବିଭେଦନ ସ୍ଥଳ ପୃଷ୍ଠର ତାପମାତ୍ରା ତଥ୍ୟକୁ ବ୍ୟବହାର କରି ଆଇଆଇଟିର ଗବେଷଣାକାରୀ ଦଳ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଉଷ୍ମତା ଧାରାକୁ ତୁଳନା କରିଥିଲେ। ଗୁଣବତ୍ତା ନିୟନ୍ତ୍ରଣ ପଦକ୍ଷେପ ପ୍ରୟୋଗ କରି ସହରୀକରଣ ପ୍ରଭାବକୁ ପୃଥକ କରିବା ପାଇଁ ଗ୍ରାମାଞ୍ଚଳରେ ଦେଖାଯାଇଥିବା ଆଞ୍ଚଳିକ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ସହରୀ ଉଷ୍ମତା ତଥ୍ୟରୁ ପୃଥକ କରାଯାଇଥିଲା। ଏହି ଅନୁସନ୍ଧାନକୁ ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ ଆର୍ଥ, ଓଶନ ଆଣ୍ଡ କ୍ଲାଇମେଟ ସାଇନ୍ସେସର ଆସୋସିଏଟ ପ୍ରଫେସର ଡ. ଭି ଭିନୋଜ ଏବଂ ସୌମ୍ୟ ସତ୍ୟକାନ୍ତ ସେଠୀ ପରିଚାଳନା କରିଥିଲେ। ଏହି ଗବେଷଣା ବିଷୟରେ ସୂଚନା ଦେଇ ଡ. ଭିନୋଜ କହିଛନ୍ତି, ସହରୀକରଣ ସହ ଜଡିତ ଆହୁରି ଅନେକ ଦିଗ ଭାରତୀୟ ପ୍ରସଙ୍ଗରେ ଏପର୍ଯ୍ୟନ୍ତ ଅନୁସନ୍ଧାନ କରାଯାଇ ନାହିଁ। ତଥାପି ଏହି ଅଧ୍ୟୟନ ବିଜ୍ଞାନ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରେ। ଏହା ପ୍ରତ୍ୟେକ ସହରକୁ ଭିନ୍ନ ଦୃଷ୍ଟିରେ ଦେଖିବା, ସହରର ଉତ୍ତାପକୁ ହ୍ରାସ କରିବା ପାଇଁ ନିୟମିତ ଭାବରେ ସୀମିତ ଉତ୍ସ ବଣ୍ଟନ କରିବା ଲାଗି ଜାତୀୟ କିମ୍ବା ରାଜ୍ୟ ସ୍ତରୀୟ ନୀତି ନିର୍ଣ୍ଣୟ ପାଇଁ ଉପଯୋଗୀ ହୋଇପାରେ।

# ବାଲୁକାକଳା ମାଧ୍ୟମରେ ଭୋଟର ସଚେତନତା




ଭୁବନେଶ୍ୱର,୨୪।୫ (ଅଭୟ ଦାସ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଅଭିଯାନ 'ବାଲୁକା କଳା ମାଧ୍ୟମରେ ଭୋଟର ସଚେତନତା' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ଭୁବନେଶ୍ୱର ପ୍ରଧାନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଆକର୍ଷଣୀୟ ବାଲୁକା କଳାକୃତି ନିର୍ମାଣ ହୋଇଛି। ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲହେବା ସହ ଭୋଟଦାନ ସୁନିଶ୍ଚିତ କରିବାକୁ ସେ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ତଥା ଅନ୍ୟ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନର ଅଂଶ ବିଶେଷ ଭାବେ ଏସ୍‌ବିଆଇର ଭୁବନେଶ୍ୱର ପ୍ରଧାନ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲାବେଳେ ଏସ୍‌ବିଆଇ ଭୁବନେଶ୍ୱରର ସମସ୍ତ ପ୍ରଶାସନିକ ଓ ଶାଖା କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଭୋଟର ସଚେତନତା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ଏହି ବାଲୁକା କଳାକୃତିଟି ଏସ୍‌ବିଆଇ କର୍ମଚାରୀ ତଥା ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶାନ୍ତ



@ ରବିନାରାୟଣ



@ ମୃତ୍ୟୁଞ୍ଜୟ



@ ସୁକାନ୍ତ



@ ଲିପି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୩ ଦିନରେ ୨୫ କୋଟିର ନିଶାଦ୍ରବ୍ୟ ଜବତ: ୪,୨୭୧ ଗିରଫ

**ଶୃଙ୍ଖଳିତ ନିର୍ବାଚନ ପାଇଁ ଅବକାରୀ ଚଢ଼ାଉ**

ଭୁବନେଶ୍ୱର,୨୪।୫(ସତ୍ୟଜିତ୍ ରାଉତ)

ଶୃଙ୍ଖଳିତ ନିର୍ବାଚନ ପାଇଁ ରାଜ୍ୟ ଅବକାରୀ ବିଭାଗ ଅଧିକ ସକ୍ରିୟ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଯାଇଛି। ରାଜ୍ୟରେ ମେ' ମାସର ୨୩ ଦିନ ମଧ୍ୟରେ ମୋଟ ୨୫ କୋଟି ଟଙ୍କାର ମଦ, ଗଞ୍ଜେଇ ଓ ହେରୋଇନ ଆଦି ନିଶାଦ୍ରବ୍ୟ ଜବତ କରାଯାଇଥିବା ଶୁକ୍ରବାର ସୂଚନା ଦିଆଯାଇଛି। ମଦ ଜବତ ଘଟଣାରେ ୪ ହଜାର ୯୭୬ଟି ମାମଲା ରୁଜୁ କରାଯାଇ ୪ ହଜାର ୧୪୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ଗଞ୍ଜେଇ, ବ୍ରାଉନସୁଗାର, କଫ୍ ସିରପ ଆଦି ଜବତ ଘଟଣାରେ ୧୧୪ ମାମଲା ରୁଜୁ କରାଯାଇ ୧୩୦ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ତେବେ ଏହି ସମୟରେ ବିଭିନ୍ନ ଜିଲାରେ ୧୫ ଲକ୍ଷ ୮୪ ହଜାର ୪୫୦ ଲିଟର ମଦ ପ୍ରସ୍ତୁତ ପାଇଁ ଥିବା ପୋଚ ମଧ୍ୟ ନଷ୍ଟ କରାଯାଇଛି। ଏହି ଚଢ଼ାଉ ଆଗକୁ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



